୨୬ତମ ପ୍ରତିଷ୍ଠା ଦିବସ ସମାରୋହ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ
Vol.26 . No.201 Bhubaneswar Tuesday September 17 2024 | ୨୬ତମ ବର୍ଷ ସଂଖ୍ୟା–୨୦୧ ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୭, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

# ଗାଡକଣ ବସ୍ତିକୁ ଯିବେ ପ୍ରଧାନମନ୍ତ୍ରୀ ମୋଦି, ଅଧଘଣ୍ଟା ରହିବେ



ଭୁବନେଶ୍ୱର,୧୬।୯(ପି.ଏନ): ନିଜର ଜନ୍ମଦିନରେ ଆସନ୍ତାକାଲି ଓଡିଶା ଗସ୍ତରେ ଆସୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରର ଗାଡକଣ ବସ୍ତିକୁ ଯାଇ ବସ୍ତିବାସିନ୍ଦାଙ୍କ ସହ ଭାବବିନିମୟ କରିବେ । ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ମୋଦି ଗାଡକଣ ବସ୍ତିରେ ରହି ପ୍ରଧାନମନ୍ତ୍ରୀ ଆବାସ(ସହରାଂଚଳ)ର ହିତାଧିକାରୀ ଓ ସାଧାରଣ ବସ୍ତିବାସିନ୍ଦାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ମୋଦି ଓଡିଶାରେ ମାତ୍ର ଅଢେଇ ଘଂଟା ରହି ନୂଆଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ଥିବାବେଳେ ସେଥିରୁ ଅଧଘଂଟା ବସ୍ତିବାସିନ୍ଦାଙ୍କ ସହ ବିତାଇବେ ବୋଲି ଜଣାପଡିଛି । ପ୍ରଧାନମନ୍ତ୍ରୀ ମୋଦି ଆସନ୍ତାକାଲି ଜନତା ମଇଦାନରେ ବିଶାଳ ମହିଳା ସମାବେଶରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ ସହ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି । ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦି ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଆସନ୍ତାକାଲି ଅହମ୍ମଦାବାଦରୁ ଆସି ସକାଳ ୧୦ଟା ୫୦ମିନିଟରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ କଡାସୁରକ୍ଷା ବଳୟ ମଧ୍ୟରେ ସିଧାସଳଖ ଗାଡକଣ ବସ୍ତିକୁ ଯିବେ । ସେଠାରେ ୧୧ଟା ୧୦ରୁ ୧୧ଟା ୪୫ମିନିଟ୍ ପର୍ଯ୍ୟନ୍ତ ପ୍ରାୟ ୩୫ମିନିଟ୍ ଧରି ରହିବେ । ଗାଡକଣ ବସ୍ତିରେ ପ୍ରଧାନମନ୍ତ୍ରୀ ଆବାସ-ସହରାଂଚଳର ହିତାଧିକାରୀଙ୍କ ସହ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ସୁଫଳ ପାଇବା ଉପରେ ଆଲୋଚନା କରିବେ । ନିଜ ଜନ୍ମଦିନରେ ସେ ବସ୍ତିବାସିନ୍ଦାଙ୍କ ସହ ସମୟ ବିତାଇବେ । ପରେ ୧୧ଟା ୪୫ମିନିଟରେ ସେଠାରୁ ବାହାରି ଜନତା ମଇଦାନର ସଭାସ୍ଥଳକୁ ଯିବେ । ଜନତା ମଇଦାନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଲୋକାର୍ପଣ କରିବା ସହ ସାଧାରଣ ଲୋକଙ୍କୁ ସମ୍ବୋଧିତ କରିବେ । ଦିନ ୧ଟାରେ ପ୍ରଧାନମନ୍ତ୍ରୀ ମୋଦି ସଭାସ୍ଥଳ ଛାଡିବେ ଓ ୧ଟା ୨୦ମିନିଟରେ ଭୁବନେଶ୍ୱର ବିମାନବନ୍ଦରରୁ ନୂଆଦିଲ୍ଲୀ ଅଭିମୁଖେ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।

## ଟ୍ରମ୍ପଙ୍କ ଉପରେ ପୁଣି ଆକ୍ରମଣ: ଏକେ-୪୭ରୁ ଗୁଳିମାଡ

ୱାଶିଂଟନ,୧୬।୯(ପି.ଏନ): ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ପୁଣି ଥରେ ଆକ୍ରମଣ ହୋଇଛି। ତେବେ ସେ ସୁରକ୍ଷିତ ଅଛନ୍ତି। ଫ୍ଲୋରିଡାର ପଶ୍ଚିମ ପାଲମ ବିଚରେ ଥିବା ଗଲ୍ଫ କୋର୍ସରେ ଟ୍ରମ୍ପ ଗଲ୍ଫ ଖେଳୁଥିବା ବେଳେ ତାଙ୍କ ଉପରେ ଗୁଳିମାଡ ହୋଇଥିଲା। ଏହାର ଜବାବରେ ସିକ୍ରେଟ ସର୍ଭିସ ସଦସ୍ୟ ପାଲଟା ଗୁଳିଚାଳନା କରିଥିଲେ। ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ଏହା ଏକ ପ୍ରୟାସ ଥିଲା କି ନାହିଁ ତାହା ଜାଣିବା ପାଇଁ ଏଫବିଆଇ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।ରିପୋର୍ଟ ଅନୁଯାୟୀ, ଟ୍ରମ୍ପଙ୍କୁ ଟାର୍ଗେଟ କରିଥିବା ଅଜ୍ଞାତ ବନ୍ଧୁକଧାରୀ ଘଟଣାସ୍ଥଳରେ ବନ୍ଧୁକ ଛାଡି ଏକ ଏସୟୁଭିରେ ପଳାଇ ଯାଇଥିଲେ। ତେବେ ଫ୍ଲୋରିଡାର ପଡୋଶୀ କାଉଣ୍ଟିରୁ ପୁଲିସ ତାଙ୍କୁ ଗିରଫ କରିଥିଲା। ତେବେ ଅଧିକାରୀମାନେ ଗୁଳି ବିନିମୟ ସମ୍ପର୍କିତ ସୂଚନା ସେୟାର କରିନାହାନ୍ତି। ଆକ୍ରମଣକାରୀଙ୍କ ନିକଟରୁ ଏକେ-୪୭ ଭଳି ଦେଖାଯାଉଥିବା ବନ୍ଧୁକ ଜବତ କରାଯାଇଛି ବୋଲି ପୁଲିସ କହିଛି। ତେବେ ପୂର୍ବତନ ରାଷ୍ଟ୍ରପତିଙ୍କ ଉପରେ ଗୁଳି ବିନିମୟ ହୋଇଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ ବୋଲି ସିକ୍ରେଟ୍ ସର୍ଭିସ ଅଧିକାରୀ କହିଛନ୍ତି। ସିକ୍ରେଟ୍ ସର୍ଭିସ ଅଧିକାରୀଙ୍କ ଅନୁଯାୟୀ ଟ୍ରମ୍ପ ସମ୍ପୂର୍ଣ୍ଣ ସୁରକ୍ଷିତ ଅଛନ୍ତି।

## ଚକମା ଖାଇଲେ ରାଜଧାନୀ ମଦୁଆ; ଅସଲି ଭାବି ସରକାରୀ ମଦ ଦୋକାନରୁ ପିଉଥିଲେ ନକଲି ମଦ



ଭୁବନେଶ୍ୱର,୧୬।୯(ପି.ଏନ): ମଦୁଆଙ୍କୁ ଚକ୍‌ମା ଦେଲେ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀ। ଅସଲି କହି ବିକୁଥିଲେ ନକଲି ମଦ। ଆଉ ରାଜଧାନୀ ଭୁବନେଶ୍ୱରର ମଦୁଆ ଦୀର୍ଘ ଦିନ ଧରି ଅସଲି ଭାବି ନକଲି ମଦକୁ ଚାଖଣା ସହିତ ଢକଢକ କରି ପିଇ ଯାଉଥିଲେ। ହେଲେ ଆଜି ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀରୁ ନକଲି ମଦ ମିଳିବା ପରେ ମଦୁଆଙ୍କ ଅକଲ ଗୁଡୁମ୍ ? ହୋଇଯାଇଛି। ଆଉ କେଉଁଦିନ କେଉଁବ୍ରାଣ୍ଡର ନକଲି ମଦ ପିଇଥିଲେ, ତାହାର ହିସାବ କରୁଛନ୍ତି।ବରମୁଣ୍ଡାରେ ରହିଛି ଏକ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନ। ସେହି ଦୋକାନରେ ଦୀର୍ଘ ଦିନ ଧରି ନକଲି ମଦ ବିକ୍ରି ହେଉଥିଲା। ଏ ସମ୍ପର୍କରେ ଅଭିଯୋଗ ପାଇବା ପରେ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ଆଜି ଅଚାନକ ସେହି ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ଚ ?ଉ କରିଥିଲା। ଚଢ଼ଉ ସମୟରେ ବିପୁଳ ପରିମାଣର ନକଲି ମଦ ଥିବା ଦେଖିବାକୁ ମିଳିଥିଲା। ଯେଉଁଥିରେ ରହିଛି ଦେଶୀ-ବିଦେଶୀ ହାଇଫାଇ ମଦ ଓ ବିଭିନ୍ନ ବ୍ରାଣ୍ଡର ବିଅର। ଅଭିଯୋଗ ଅନୁସାରେ ନାମୀଦାମୀ ମଦ ବୋତଲର ଲେବୁଲ୍ ଓ ଠିପି ଖୋଲାଯାଇ ସେଥିରେ ବିଭିନ୍ନ ରାସାୟନିକ ଦ୍ରବ୍ୟ ମିଶ୍ରଣ କରାଯାଉଥିଲା। ଆଉ ତା'ପରେ ତାକୁ ଉଚ୍ଚା ଦରରେ ବିକ୍ରି କରାଯାଉଥିଲା। ମଦୁଆମାନେ ନକଲି ଜାଣିନପାରି ଢକ ଢକ କରି ପିଇ ଯାଉଥିଲେ।

## ବୁରକଟା ଛକରେ ଓଲଟିଲା ପିକଅପ, ୭ ଆହତ, ୨ଗୁରୁତର

ବୌଦ୍ଧ,୧୬।୯(ପି.ଏନ): ସକାଳୁ ସକାଳୁ ଏକ ଦୁର୍ଘଟଣା ଖବର ସାମ୍ନାକୁ ଆସିଛି। ବୌଦ୍ଧ ଜିଲ୍ଲାର ବୁରକଟା ଛକରେ ଏହି ଦୁର୍ଘଟଣା ଘଟିଛି। ସୂଚନାନୁଯାୟୀ, ବୁରକଟା ଛକରେ ପିକଅପ୍ ?ଟି ଦ୍ରୁତଗତିରେ ଆସି ଗଛରେ ପିଟିହୋଇଥିଲା। ତେବେ ଏହି ଦୁର୍ଘଟଣାରେ ପିକଅପରେ ଥିବା ୨ଜଣ ଗୁରୁତର ହୋଇଥିବା ବେଳେ ୭ଜଣ ଲୋକେ ଆହତ ହୋଇଛନ୍ତି। ଏହି ସମସ୍ତ ୯ ଆହତଙ୍କୁ ବୌଦ୍ଧ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ପିକଅପଟି ଦିଗପହଣ୍ଡିରୁ ସୋନପୁର ଆସୁଥିବା ସମୟରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଦୁର୍ଘଟଣାର ଶିକାର ହୋଇଛି।

## ହଷ୍ଟେଲ ରୁମରେ ଗୋମାଂସ ରାନ୍ଧିବା ଅଭିଯୋଗରେ ୭ ଛାତ୍ର ନିଲମ୍ବିତ



ବ୍ରହ୍ମପୁର,୧୬।୯(ପି.ଏନ): ରାଜ୍ୟର ଜଣାଶୁଣା ସରକାରୀ ଇଞ୍ଜିନିୟରିଂ କଲେଜ, ବ୍ରହ୍ମପୁରର ୭ ଛାତ୍ରଙ୍କୁ କଲେଜ କର୍ତ୍ତୃପକ୍ଷ ନିଲମ୍ବିତ କରିଦେଇଛନ୍ତି । ହଷ୍ଟେଲ ପରିସରରେ ନିଷିଦ୍ଧ ଗୋରୁ ମାଂସ ରୋଷେଇ କରିବା ଅଭିଯୋଗ ପରେ ସେମାନେ ନିଷିଦ୍ଧ କାର୍ଯ୍ୟ କରିଥିବାରୁ ସେମାନଙ୍କୁ ନିଲମ୍ବନ କରାଯାଇଛି ।ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ ମ୍ୟାନେଜମେଣ୍ଟ ତରଫରୁ ଗୁରୁବାର ଦିନ ଏହି ନିଲମ୍ବନ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିରେ ଉଲ୍ଲେଖ କରାଯାଇଥିଲା କି, କଲେଜର ଦୁଇ ହଷ୍ଟେଲର ୭ ଛାତ୍ରଙ୍କୁ କଲେଜ ପରିସରେ ନିଷିଦ୍ଧ କାର୍ଯ୍ୟ କରିଥିବାରୁ ନିଲମ୍ବନ କରାଯାଇଛି । ଏଥି ସହ ଜଣେ ଛାତ୍ରଙ୍କୁ ୨ ହଜାର ଟଙ୍କା ଜରିମାନା କରାଯାଇଛି । ଏହି ନିର୍ଦ୍ଦେଶନାମାରେ କଲେଜର ଡିନଙ୍କ ଦସ୍ତଖତ ରହିଛି ।ଏହି ଘଟଣା ପରେ କଲେଜ ପରିସରରେ ଉତ୍ତ ?ଜନା ଆଶଙ୍କା କରି ସେଠାରେ ପୋଲିସ ମୁତୟନ କରାଯାଇଛି । ଏନେଇ ଛାତ୍ରଙ୍କ ଅଭିଭାବକଙ୍କୁ ମଧ୍ୟ ଅବଗତ କରାଯାଇଛି । ଏପରି କଠୋର କାର୍ଯ୍ୟାନୁଷ୍ଠାନ ବୁଧବାର ରାତିରେ କିଛି ଛାତ୍ରଙ୍କ ଅଭିଯୋଗ ପରେ ନିଆଯାଇଛି । ସେହି ଛାତ୍ରମାନେ ଅଭିଯୋଗ ଆଣିଥିଲେ କି, କଲେଜ ପରିସରରେ ବ୍ୟାନ ହୋଇଥିବା ଗୋରୁ ମାଂସକୁ ହଷ୍ଟେଲ ରୁମରେ କିଛି ଛାତ୍ର ରାନ୍ଧୁଥିଲେ । ଏହା ପରେ ସମ୍ପୃକ୍ତ ଛାତ୍ରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ପ୍ରଦର୍ଶନ ଦେଇଥିଲେ ଅନ୍ୟ ଛାତ୍ର ।













# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇଙ୍କୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇଙ୍କୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ବିଭାଷ ଶକ୍ତିପୀଠ, ମେଦିନିପୁର

ପଶ୍ଚିମବଙ୍ଗ ରାଜ୍ୟର ପୂର୍ବ ମେଦିନିପୁର ଜିଲ୍ଲା ନିକଟସ୍ଥ ତାମଲୁକରେ ବିଭାଷ ଶକ୍ତିପୀଠ ଅବସ୍ଥିତ। ବିଭାଷ ଶକ୍ତିପୀଠ କୋଲକାତାରୁ ପ୍ରାୟ ୯୦ କିଲୋମିଟର ଦୂର 'ତାମଲୁକ'ରେଳ ଷ୍ଟେସନ ନିକଟରେ ରହିଛି। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଦେବୀ ସତୀଙ୍କ ଶରୀରର ଅଙ୍ଗ ବା ଆଭୂଷଣ ଯେଉଁ ସ୍ଥାନ ମାନଙ୍କରେ ପଡ଼ିଥିଲା, ସେଠାରେ ମାତାଙ୍କର ଶକ୍ତିପୀଠ ଗୁଡ଼ିକ ସ୍ଥାପିତ ହୋଇଛି। ଭାରତ ଏକ ପୁଣ୍ୟଭୂମି, ଖାସ ଏହାର ଦେବୀ ଦେବତାଙ୍କୁ ନେଇ। ସୃଷ୍ଟି ଆରମ୍ଭରୁ ପ୍ରତ୍ୟେକ ସ୍ଥାନର ନିଜସ୍ୱ ସ୍ୱତନ୍ତ୍ରତା ଅଛି, ଯାହା ଅଜଣା, କେବଳ ଇତିହାସର ରୂପାନ୍ତର। ଶକ୍ତିପୀଠ, ଯାହା ଏକ ରହସ୍ୟପୂର୍ଣ୍ଣ ଗାଥା, ପ୍ରାୟତଃ ଜନମାନସରେ ଅଗୋଚର ହୋଇ ରହିଛି। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସଙ୍ଗଠନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ (ଆନ୍ଧ୍ର ପ୍ରଦେଶର ମୁରାମଲ୍ଲା) ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖିରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।





କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ସେଗୁଡ଼ିକ ମଧ୍ୟରେ ୪ଟି ଆଦିଶକ୍ତି ପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି। ତେବେ ମା'ଶକ୍ତିଙ୍କର ଯେଉଁ ଅଂଶଗୁଡ଼ିକ ପ୍ରଥମ ୪ଟି ସ୍ଥାନରେ ପଡ଼ିଲା, ସେଗୁଡ଼ିକ ଆଦିପୀଠ ନାମରେ ପରିଚିତ ବୋଲି କୁହାଯାଏ। ସେହି ଆଦିପୀଠ ହେଲେ, (୧)ପୁରୀ ମନ୍ଦିରରେ ପୂଜିତା ମା'ବିମଳା(ପାଦଖଣ୍ଡ), (୨) ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହର ନିକଟସ୍ଥ ଋଷିକୂଲ୍ୟା ନଦୀ ଉପକଣ୍ଠରେ କୁମାରୀ ପାହାଡ଼ ଉପରେ ବିରାଜିତ ମା'ତାରା ତାରିଣୀ(ସ୍ତନଖଣ୍ଡ), ୩) ଆସାମର ଗୌହାଟୀ ସ୍ଥିତ କାମାକ୍ଷା ଦେବୀ(ଜୋନିଖଣ୍ଡ), ୪) କୋଲକତାର ଦକ୍ଷିଣ କାଳୀ(ମୁଖଖଣ୍ଡ)। ତେବେ ଓଡ଼ିଶାରେ ଉପରୋକ୍ତ ୨ଟି ଆଦି ଶକ୍ତିପୀଠ ରହିଥିବା ବେଳେ ଗୋଟିଏ ମହା ଶକ୍ତିପୀଠ ମା' ବିରଜା ରହିଛନ୍ତି। ଏହି ଶକ୍ତିପୀଠ ଗୁଡ଼ିକ ପବିତ୍ର ତୀର୍ଥ ସ୍ଥାନ ଭାବେ ଜଣାଶୁଣା। ଏହି ଶକ୍ତିପୀଠ ଗୁଡ଼ିକ ସମଗ୍ର ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ଅବସ୍ଥିତ। ଦେବୀ ପୁରାଣରେ ଶକ୍ତିପୀଠ ମାନଙ୍କ ସଂପର୍କରେ ବର୍ଣ୍ଣନା କରାଯାଇଛି। ବିଭାଷ ଶକ୍ତିପୀଠରେ ମାତା ସତୀଙ୍କର ବାମ ଗୋଇଠି ପଡ଼ିଥିଲା। ଏଠାରେ ମାତା ସତୀଙ୍କୁ 'କପାଳିନୀ' (ଭୀମରୂପ) ଏବଂ ଭଗବାନ ଶିବଙ୍କୁ 'ଶର୍ବାନନ୍ଦ' ଭାବରେ ପୂଜା କରାଯାଏ। ବର୍ଷର ସବୁ ସମୟରେ ମାତା 'କପାଳିନୀ'ଙ୍କର ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ମାତା 'କପାଳିନୀ' ଦେବୀଙ୍କରଙ୍କ ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମା''କପାଳିନୀ' ଦେବୀଙ୍କୁ ପୂଜା କରିବାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦଦାୟକ ଓ ମନୋରମ।

## ପାନପୋଷର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ

ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୨ ନମ୍ବର ୱାର୍ଡ ପାନପୋଷର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସିତ ହୋଇନପାରି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସମ୍ଭ୍ରାନ୍ତ ଶ୍ରେଣୀର ଲୋକ ବସବାସ କରୁଥିବା ଏହି ଉଭୟ କଲୋନୀରେ ଅଧିକ ବର୍ଷା ହେଲେ ଲୋକଙ୍କ ଘରେ ପାଣି ପଶୁଥିବା ବେଳେ ବର୍ଷା ପରେ ଘର ଦ୍ୱାର ମୁହଁରେ ପାଣି ଜମି ରହି ଯାତାୟାତରେ ଗୁରୁତର ବାଧା ସୃଷ୍ଟି କରିବା ସହ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦାମାନଙ୍କଠାରୁ ଖବର ପାଇଁ ରାଉରକେଲା ବିଧାନସଭା କ୍ଷେତ୍ରର ପ୍ରାକ୍ତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଅନ୍ୟ ସହଯୋଗୀଙ୍କ ସହିତ ସମ୍ପୃକ୍ତ ବୁଲି ଦେଖିଥିଲେ। ସମ୍ପୃକ୍ତ ଅଞ୍ଚଳର ବାସିନ୍ଦାମାନେ ଶ୍ରୀ ସେନାପତିଙ୍କୁ କଲୋନୀର ବିଭିନ୍ନ ରାସ୍ତା ଓ ପାଣି ଜମୁଥିବା ସ୍ଥାନ ସବୁ ବୁଲାଇ ଦେଖାଇଥିଲେ। ଉକ୍ତ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଅଦ୍ୟାବଧି ମହାନଗର ନିଗମ ତରଫରୁ କୌଣସି ବୃହତ ନାଳି ନିର୍ମାଣ ହୋଇନଥିବାରୁ ବର୍ଷାଜଳ ଜମି ରହି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ମହାନଗର ନିଗମ କର୍ତ୍ତୃପକ୍ଷ ରାଉରକେଲା ସହରକୁ ସ୍ୱଚ୍ଛ ଓ ସୁନ୍ଦର କର ଗଢି ତୋଳିବା ସହ ଶିଶୁ ଅନୁକୂଳ ସହର କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ବୋଲି ପ୍ରଚାର ପ୍ରସାର କରୁଛନ୍ତି। ସେଥିପାଇଁ ବିଶ୍ୱର ପ୍ରମୁଖ ୧୦ଟି ସହର ମଧରେ ରାଉରକେଲା ସ୍ଥାନ ପାଇଛି ବୋଲି ନଗର ନିଗମ ତରଫରୁ କୁହାଯାଇ ଆସନ୍ତା ଅକ୍ଟୋବରରେ ଲଣ୍ଡନ ଠାରେ ହେବାକୁ ଥିବା ସହରାଞ୍ଚଳ ଲିଡରସିପ୍ କାର୍ଯ୍ୟକ୍ରମରେ ରାଉରକେଲା ସ୍ମାର୍ଟସିଟି ଅଂଶଗ୍ରହଣ କରିବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷରେ ଏହି ସ୍ମାର୍ଟସିଟିର ୨ ନମ୍ବର ୱାର୍ଡର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସିତ ହୋଇନପାରି ଯେଉଁ ଦୟନୀୟ ଅବସ୍ଥା ସୃଷ୍ଟି ହେଉଛି ଏବଂ ଶିଶୁମାନେ ଘରୁ ବାହାରିବା ସମ୍ଭବ ହେଉନାହିଁ, ତାହା ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ ବୋଲି ଶ୍ରୀ ସେନାପତି କହିଛନ୍ତି। ତେଣୁ ମହାନଗର ନିଗମ କର୍ତ୍ତୃପକ୍ଷ ଖାଲି ପୁରସ୍କାର ସନ୍ଧାନରେ ନ ରହି ଯେଉଁ ନାଗରିକମାନେ ଆବଶ୍ୟକୀୟ ସେବା ପାଇଁ ଟିକସ ଦେଉଛନ୍ତି ସେମାନଙ୍କୁ ଉପଯୁକ୍ତ ମୌଳିକ ସେବା ଯୋଗାଇ ଦେବାକୁ ଶ୍ରୀ ସେନାପତି ଦାବି କରିଛନ୍ତି।

## ଶିକ୍ଷାଗତ ଯୋଗ୍ୟତା ନଥାଇ ସରକାରୀ ଚାକିରୀରେ ଚତୁର୍ଥ ଶ୍ରେଣୀ ପଦବୀ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ପୋଡାଡିହ ଗ୍ରାମର ତ୍ରିନାଥ ସେଠୀ ଭୁବନେଶ୍ୱରର ରାସ୍ତା ଓ ଗୃହ ନିର୍ମାଣ ନିର୍ବାହୀ ଯନ୍ତ୍ରୀ (ସିଭିଲ ସେକ୍ସନର) ଶିକ୍ଷାଗତ ଯୋଗ୍ୟତା ନଥାଇ ସରକାରୀ ପଦବୀ ହାତେଇବା ଯାହାକି ସ୍ଥାନୀୟ ପଂଚାୟତର ପୂର୍ବତନ ସରପଂଚ ସୁଦର୍ଶନ ମାଣିକ ଆରଟିଆଇ ତଥ୍ୟର ବ୍ୟବହାର କରି ଜାଣିବାକୁ ପାଇଥିଲେ। ଆରଟିଆଇ ସୂଚନା ମୁତାବକ ୧୯୬୭ ମସିହାରେ ପୋଡାଡିହ ହାଇସ୍କୁଲର ନୂତନ ଭାବେ ନିର୍ମାଣ ଓ ୧୯୭୬ ମସିହାରେ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ନିର୍ମାଣ ହୋଇଥିବା ବେଳେ ଶ୍ରୀ ସେଠୀ କେଉଁଠାରୁ ଶିକ୍ଷାଗତ ପ୍ରମାଣପତ୍ର ହାସଲ କରି ସରକାରୀ ଚାକିରୀ ହାତେଇଛନ୍ତି ଯାହାକି ସନ୍ଦେହଘେରରେ ରହିଛି। ଅପରପକ୍ଷରେ ଶ୍ରୀ ସେଠୀଙ୍କ ସାନଭାଇ ଯୋଗୀନାଥ ସାରୁଆ ପଂଚାୟତ ଅନ୍ତର୍ଗତ ପତନୀବର ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଶିକ୍ଷାଗତ ଯୋଗ୍ୟତା ନଥାଇ ସରକାରୀ ପଦବୀ ହାତେଇବା ଓ ଅବସର ବୟସ ଅତିକ୍ରମ ହୋଇଥିଲେ ମଧ୍ୟ କିପରି ପ୍ରଶାସନ ଅବଗତ ନାହାନ୍ତି ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି।

## ରାଜ୍ୟସ୍ତରୀୟ ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଂଟର ଅନ୍ତିମ କ୍ୱାଟର ଫାଇନାଲ, କୁମାରବସ୍ତ ସେମିରେ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ସଦର ମହକୁମା ନିକଟସ୍ଥ କୁମାରବସ୍ତରେ ରାଜ୍ୟସ୍ତରୀୟ ଲୋକନାଥ ଦେବ କ୍ରିକେଟ ଟୁର୍ଣ୍ଣାମେଂଟର ଅନ୍ତିମ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଇଜିଂ ଷ୍ଟାର କୁମାରବସ୍ତ ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୭୨ରନ ସଂଗ୍ରହ କରିଥିଲା। ତାର ପ୍ରତି ଜବାବରେ ଖୋର୍ଦ୍ଧା କଳିଙ୍ଗ କ୍ରିକେଟ କ୍ଲବ ବିଜୟ ଲକ୍ଷ୍ୟରେ ବ୍ୟାଟିଂ କରି ୧୧୦ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଏଥିରେ ରାଇଜିଂ ଷ୍ଟାର କୁମାର ବସ୍ତ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ହାଇକୋର୍ଟର ଆଇନଜୀବୀ ରୋହିତରଞ୍ଜନ ରାୟ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଦୁର୍ଯ୍ୟୋଧନ ପରିଡା, ପ୍ରଦୋଷ ବଳିୟାରସିଂହ ଓ ସ୍କୋରର ଅଭିଷେକ ପାଟ୍ଟଶାଣୀ ପରିଚାଳନା କରିଥିଲେ। ଡିସେମ୍ବର ୧ ତାରିଖ ଦିନ ପ୍ରଥମ ସେମିଫାଇନାଲ ମ୍ୟାଚ ଯାଆଁଳାର ବ୍ଲୁ ରକ ଷ୍ଟାର ଓ ଅଟ୍ରୀ ପତିତପାବନ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେଉଥିବା ବେଳେ ୨ ତାରିଖ ଦିନ କୁମାରବସ୍ତ ରାଇଜିଂ ଷ୍ଟାର ଓ କାଇପଦର ସତ୍ୟପୀର ସପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

## ଦୁଇ ବଖରା ଘର ଜଳିଗଲା

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ଜାରକା ଶବର ସାହିର କେଶବ ପରିଡାଙ୍କ ଦୁଇ ବଖରା ଘର ଗତକାଲି ମଧ୍ୟାହ୍ନରେ ଜଳିଯାଇଛି। ରୋଷେଇ ବେଳେ ଚୂଲୀରୁ ନିଆଁ ଉଠି ଛଣ ଛପରରେ ଲାଗି ଯାଇଥିଲା। ଅଗ୍ନିକାଣ୍ଡରେ ଘରେ ଥିବା ଲକ୍ଷାଧିକ ଟଙ୍କା ମୂଲ୍ୟର ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଯାଇଛି। ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପହଁଚି ନିଆଁକୁ ଆୟତ କରିଥିଲା। ପରେ ତହସିଲ ପକ୍ଷରୁ କେଶବଙ୍କ ପତ୍ନୀଙ୍କୁ ପଲିଥିନ୍ ପ୍ରଦାନ କରାଯାଇଥିଲା। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଜାରକା ସମିତିସଭ୍ୟ ସୁଦାମ ଚରଣ ବେହେରା ପ୍ରଶାସନକୁ ଅନୁରୋଧ କରିଛନ୍ତି।

## ଅମୃତର ସନ୍ତାନ, ଦେବତ୍ୱର ଜୟଗାନ

ସେ ଥିଲେ ଜଣେ ଋଷିପ୍ରତିମ ମଣିଷ। ହାଇସ୍କୁଲ ଶିକ୍ଷକ ଭାବେ ତାଂକର ପେଶାଗତ ଜୀବନ ଆରଂଭ ହେଇଥିଲା ଆଉ ସରିଥିଲା ପ୍ରାଇମେରୀ ସ୍କୁଲର ହେଡମାଷ୍ଟର ଭାବେ। ଖାଲି କ'ଣ ଶିକ୍ଷକତାର ଏଇ ପେଶା ଭିତରେ ସେ ସୀମିତ ହେଇଯାଇଥିଲେ? ନାଁ, ତାଂକ ସୀମା ଥିଲା ସୀମାତୀତ...ନିଶା ଥିଲା ପରୋପକାର, ଦୁଃଖୀରଂକିଙ୍କ ସାହାଯ୍ୟ।..ତାଂକ ଦୟା ଓ ଆତ୍ମୀୟତାରେ ନ ଥିଲା ଲୋକଦେଖାଣିଆଭାବ, ନଥିଲା କିଛି ପାଇବାର ଆଶା, ନଥିଲା କିଛି ହରେଇବାର ଗ୍ଲାନି। ହଁ ବଂଧୁ, ସିଏ ଥିଲେ ଦୀନବଂଧୁ ସାହୁ...ଆଦର୍ଶ ଶିକ୍ଷକତା ପାଇଁ ସେ ପାଇଥିଲେ ରାଜ୍ୟପାଳ ପୁରସ୍କାର। ଶହୀଦନଗର ପ୍ରାଇମେରୀ ସ୍କୁଲରେ ହେଡମାଷ୍ଟର ଥିବାବେଳେ ଝିଅଟିଏ ଅପହୃତା ହୋଇଥିଲା ଆଉ ତାକୁ ଉଦ୍ଧାର କରିବାରେ ଦୀନବଂଧୁ ବାବୁଙ୍କର ଥିଲା ମୁଖ୍ୟ ଭୂମିକା।...ପୁଲିସ ସହ ଯୋଗାଯୋଗ ରଖି ବେଶ୍ ସାହସିକତାର ସହ ତ୍ୱରିତ ପଦକ୍ଷେପ ନେବା ଯୋଗୁଁ ଛାତ୍ରୀ ଜଣକୁ ଅପହର୍ତ୍ତାମାନଙ୍କ କବଳରୁ ରକ୍ଷା କରାଯାଇପାରିଥିଲା। ସେଇ ସମୟରେ ମିଳିଥିଲା ତାଂକୁ ରାଜ୍ୟପାଳଙ୍କ ପୁରସ୍କାର।...ତାଂକ ଦୁଃସାହସର ଆଉ ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା, ସେ ସେତେବେଳେ ରାଜଧାନୀର ଚକେଇସିହାଣୀ ସ୍କୁଲରେ ଥିଲେ। ସ୍କୁଲ ପିଲାଙ୍କୁ ନେଇ ଖୋର୍ଦ୍ଧା ବରୁଣେଇ ପିକ୍‌ନିକ୍‌ରେ ଯାଇଥିବାବେଳେ ପାହାଡ଼ ଉପରେ କିଛି ମଦୁଆଙ୍କ ହାବୁଡ଼ରେ ସେମାନେ ପଡ଼ିଲେ। ମଦୁଆମାନେ ଅଡ଼ିବସିଲେ, ଆମେ ପିଲାଙ୍କୁ ଭୋଗ ଖୁଆଇବୁ।...ଦୀନବଂଧୁ ବାବୁ ଉତ୍ତର ଦେଲେ, ଠିକ୍ ଅଛି, ମତେ ଭୋଗ ଦିଅ, ଆଗ ମୁଁ ଖାଇବି, ତା' ପରେ





ପିଲାମାନେ ଖାଇବେ।..ହେଲେ ମଦୁଆଙ୍କ ଜିଦ୍, ସେମାନେ ପିଲାଙ୍କୁ ଖୁଆଇବେ।...ଯୁକ୍ତିତର୍କ ଚାଲିଲା, ହେଲେ ଦୀନବଂଧୁ ବାବୁ ଅଟଳ ହେଇ ସେମାନଙ୍କର ମୁକାବିଲା କଲେ ଏବଂ ମଦୁଆମାନଙ୍କୁ ସେଠୁ ବିଦା କଲେ। ଜଣେ ଆଦର୍ଶ ଶିକ୍ଷକ ଭାବେ ଶହ ଶହ, ହଜାର ହଜାର ପିଲାଙ୍କୁ; ମଣିଷ ପରି ମଣିଷଟିଏ କରିବାକୁ ଦୀନବଂଧୁ ବାବୁ ଅହରହ ପରିଶ୍ରମ କରୁଥିଲେ।...ପିଲାଙ୍କୁ କହୁଥିଲେ, 'ଭଲ ମଣିଷ ହୁଅ, କାହାର ଅମଂଗଳ କରନି, କାହାକୁ କଷ୍ଟ ଦିଅନି'। ଖାଲି କ'ଣ ପଢଉଥିଲେ; ସିଏ ଗୀତ ଲେଖୁଥିଲେ, ଗୀତ ଗାଉଥିଲେ, ଚିତ୍ର ଆଂକୁଥିଲେ, ନାଟକ ଲେଖୁଥିଲେ, ଅଭିନୟ ଆଉ ନିର୍ଦ୍ଦେଶନା ଦଉଥିଲେ, ତାବ୍‌ଲା, ଡଫ୍‌ଲୀ, ପଖଜ, ହାର୍‌ମୋନିୟମ୍ ବି ବଜଉଥିଲେ।...ନାଇଁ ତାଲିକା ସେତିକିରେ ସରିନାହିଁ; ଘଣ୍ଟା, କ୍ୟାମେରା, ରେଡିଓ, ଟେପ୍‌ରେକର୍ଡର, ଟିଭି, ଫ୍ରିଜ୍..ସବୁକିଛିର ମରାମତି ବି ସେ ନିଜେ କରିଦଉଥିଲେ।..ଭଲ ଫଟୋ ବି ଉଠେଇପାରୁଥିଲେ।...

ତାଂକ ବେଶଭୂଷା ଥିଲା ଋଷିପ୍ରତିମ...ଶ୍ମଶ୍ରୁବର୍ଦ୍ଧିତ ମୁଖମଣ୍ଡଳରେ ଥିଲା ତାଂକର ଦିବ୍ୟକାନ୍ତି। ଧୋତି ସାଂଗକୁ କୁର୍ତ୍ତା। ପରିଧେୟ ଯେମିତି ଶୁଭ୍ର, ମନ ସେମିତି ଶୁଭ୍ର ଆଉ ସରଳ।...ଦିନକର ଘଟଣା: ବଜାର ସଉଦା କରିବାକୁ ଯାଇଥିଲେ ଦୀନବଂଧୁ।...ଫେରିଲା ବେଳକୁ ସାଂଗରେ ଜଣେ ଆସିଛନ୍ତି, ବେଶଭୂଷାରୁ ଆଗନ୍ତୁକଂକ ଦାରିଦ୍ର୍ୟତା ସ୍ପଷ୍ଟ ହେଇଯାଉଥିଲା। ପତ୍ନୀଙ୍କୁ କହିଲେ, ୟାଂକ ପାଇଁ ଖାଇବାକୁ ବାଢ।...ଦୁହେଁ ବସି ଖାଇଲେ, ଆଉ ତା'ପରେ ପତ୍ନୀଙ୍କୁ କହିଲେ ୟାଂକୁ ଅଢେଇଶହ ଟଂକା ଦିଅ।...ଏଥର ପତ୍ନୀ ପଚାରିଲେ, ଇଏ କିଏସେ?...ଅଢେଇଶହ ଟଂକା କାହିଁକି ଦିଆଯିବ?...ସେଠୁ ଦୀନବଂଧୁ ବାବୁ କହିଲେ, ଇଏ ବଜାରରେ ଭେଟହେଲେ, ତାଂକର କିଛି ଟଂକା ଦରକାର ଅଛି।...ସେଇଥିପାଇଁ ତାଂକୁ ଘରକୁ ଡାକିଆଣିଲି।...ପତ୍ନୀ କହିଲେ, ଇଏ ସତ କହୁଛନ୍ତି ବୋଲି କେମିତି ଜାଣିଲ?...ଦୀନବଂଧୁ ବାବୁଙ୍କ ଉତ୍ତର ଥିଲା, ହଁ, ଇଏ ସତ କହୁଛନ୍ତି, ମୋ ଆତ୍ମା କାହିଁ ଡାକୁଚି, ତାଂକର ଦରକାର, ଜଲଦି ଟଂକା ଦେଲ।...ପାଠକେ, ଏମିତି ଘଟଣା ଥରେ, ଦି ଥର ନୁହଁ, ଶହ ଶହ ଥର ହେଇଚି ଦୀନବଂଧୁ ବାବୁ ଓ ତାଂକ ପରିବାରସଦସ୍ୟଙ୍କ କ୍ଷେତ୍ରରେ। ଆଉ ଏଭଳି ଘଟଣାମାନଙ୍କୁ ନେଇ ପରିବାରରେ ମନାନ୍ତର ହେଇଚି।...ବେଳେବେଳେ ଭିକାରୀମାନଙ୍କୁ ଘରକୁ ଡାକି ଆଣି ପେଟେ ଖୁଆନ୍ତି ଆଉ ଟଂକା କିଛି ଦେଇ ଛାଡନ୍ତି।...ବଂଧୁବାଂଧବ, ସାଂଗସାଥୀ, ପାଖପଡ଼ୋଶୀ, ଚିହ୍ନାଜଣା...ଯିଏ ଯେତେବେଳେ ଟଂକା ମାଗନ୍ତି, ଦେଇଦିଅନ୍ତି।...ଶହ ଶହ ଟଂକା ନୁହଁ, ହଜାର ହଜାର ଟଂକା ସିଏ ଏମିତି ଦାନ କରିଦେଇଛନ୍ତି।...ଅନେକ ତାଂକର ଏଭଳି ଦାନଶୀଳତାରୁ ବେଶ୍ ଫାଇଦା ମାରିଛନ୍ତି।...ଟଂକା ଧାର ନେଇଛନ୍ତି ଆଉ ଫେରେଇନାହାନ୍ତି କି ଦୀନବଂଧୁ ବାବୁ ସେ ଟଂକା ଫେରିପାଇବାକୁ କେବେ ଆଶା ରଖିନାହାନ୍ତି।...ଚାକିରି ସରିଲା ବେଳକୁ ଆର୍ଥିକ ଅବସ୍ଥା ଏମିତି ହେଇଚି ଯେ, ଘର କରିବାକୁ ଆଶାନୁରୂପ ଅର୍ଥ ପାଖରେ ନାହିଁ।...ଅର୍ଥ ନ ଥାଉ ପଛେ, ଦୁଇ ପୁଅ ଆଉ ଗୋଟିଏ ଝିଅକୁ ମଣିଷ କରିଦେଇଛନ୍ତି।...ସେମିତି ତାଂକୁ ମଣିଷ କରିଥିଲେ ବାପା ସ୍ୱାଧୀନତା ସଂଗ୍ରାମୀ ଧୋବେଇ ସାହୁ। ଅନୁଗୁଳ ନନ୍ଦପୁର ଅଂଚଳର ଏଇ ସଂଗ୍ରାମୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ, ପବିତ୍ର ମୋହନ ପ୍ରଧାନ ଓ ନିଜ ଗାଁର ଦୁର୍ଗାଚରଣ ପ୍ରଧାନ ଓ କାଳିଆ ବେହେରା ପ୍ରମୁଖଙ୍କ ସହ ମିଶି ଇଂରେଜ ସରକାର ବିରୋଧରେ ଲଢେଇ କରିଥିଲେ।...ବହୁବାର ଜେଲ୍ ବି ଯାଇଥିଲେ। ଚୌଦ୍ୱାର, ଅନୁଗୁଳ ଓ ପାଟନା ଜେଲରେ ବହୁବର୍ଷ ବନ୍ଦୀ ଜୀବନ କଟେଇଛନ୍ତି ସେ।...ତାଂକରି ପ୍ରଭାବ ପଡ଼ିଥିଲା ପିଲାମାନଙ୍କ ଉପରେ।...ତିନିପୁଅ ଶିକ୍ଷକ; ଦ୍ୱିତୀୟ ପୁଅ ଦୀନବଂଧୁଙ୍କ ସମେତ ବଡ଼ପୁଅ ଓ ସବାସାନ ପୁଅ ଶିକ୍ଷକ ହେଲେ ଆଉ ଜଣେ ଫରେଷ୍ଟର ହେଲେ।

ଦୀନବଂଧୁ ବାବୁ ଭାରି ପଶୁପକ୍ଷୀପ୍ରେମୀ ଥିଲେ। ଘରେ ବହୁସଂଖ୍ୟାରେ ବିଲେଇ, କୁକୁର ଆଉ ବିଭିନ୍ନ ରକମର ଚଢେଇ ପାଳନରେ ତାଂକର ବେଶ୍ ସଉକ ଥିଲା। ପଶୁପକ୍ଷୀଙ୍କ ପାଇଁ ଘରୁ ଆଉ ବାହାରୁ ବିରୋଧରୁ ସମ୍ମୁଖୀନ ହେଇଥିଲେ ବି ସେଥିରୁ ସେ ବିରତ ରହିନାହାନ୍ତି। ସବୁବେଳେ କୁହନ୍ତି, ପଶୁପକ୍ଷୀଙ୍କର ବି ଆମ ଭଳି ଜୀବନ ଅଛି, ମଣିଷକୁ ସ୍ନେହ, ଶ୍ରଦ୍ଧା କରିବା, ସେମାନଙ୍କୁ କରିବାନି।...କେବଳ ଘରେ ପାଳୁଥିବା ପଶୁପକ୍ଷୀ ନୁହଁ, ବାଟରେ ଘାଟରେ ବି ପଶୁପକ୍ଷୀଙ୍କି ଶ୍ରଦ୍ଧା।...ସେଇ କାରଣରୁ ପଡ଼ୋଶୀମାନଙ୍କ ରୋଷଭାଜନ ହୋଇଥିଲେ। ବୁଲାକୁକୁରଙ୍କୁ ଖାଇବାକୁ ଦେଉଥିବା ହେତୁ ଏକଦା ପଡ଼ୋଶୀମାନେ ସେଇ କୁକୁରମାନଙ୍କ ଖାଇବାରେ ବିଷ ଦେଇଦେଇଥିଲେ। କିଛି ସମୟ ପରେ ଖବର ପାଇ ସେଠି ପହଂଚିଲେ ଦୀନବଂଧୁ ବାବୁ।...କିଛି କୁକୁର ମରିକି ପଡ଼ିଥିଲେ। ସଂଭାଳି ନପାରି ବିଷ ଖାଇ ଯଂତ୍ରଣାରେ ଛଟପଟ ହଉଥିବା ଗୋଟେ ଛୁଆ କୁକୁରକୁ ଧରିପକେଇଲେ।...ପାଗଳପ୍ରାୟ ସେଇ କୁକୁରଟି ତାଂକ ହାତକୁ କାମୁଡ଼ିଦେଇଥିଲା।..ଏଇଭଳି ଘଟଣା ଅନେକ ଥର ଘଟିଚି, ଆଉ ସେସବୁର ବାରମ୍ବାର ପୁନରାବୃତ୍ତି ବି ଘଟିଚି। ହରିଜନ, ଆଦିବାସୀମାନଙ୍କୁ ଭାରି ଭଲ ପାଉଥିଲେ ଦୀନବଂଧୁ ବାବୁ। ଅନେକ ସମୟରେ ରାସ୍ତାରେ ବୁଲୁଥିବା କିମ୍ବା ସ୍କୁଲରେ ପଢୁଥିବା ହରିଜନ ପିଲାମାନଂକୁ ଘରକୁ ଆଣି ସେମାନଙ୍କୁ ଖୁଆଇପିଆଇ ଛାଡୁଥିଲେ। ଗାଁରେ ହରିଜନ ଓ ଅନ୍ୟାନ୍ୟ ପଛୁଆ ବର୍ଗର ଲୋକମାନଙ୍କୁ ଭାରି ଶ୍ରଦ୍ଧା କରୁଥିଲେ।...ଏ କ୍ଷେତ୍ରରେ ସ୍ୱାଧୀନତା ସଂଗ୍ରାମୀ ବାପାଙ୍କ ପ୍ରଭାବ ବେଶ୍ ପଡ଼ିଥିଲା।...କାରଣ ଗାନ୍ଧିଜୀଙ୍କ ଆହ୍ୱାନରେ ସଂଗ୍ରାମୀମାନେ ସେତେବେଳେ ଛୁଆଁଅଛୁଆଁର ଭେଦଭାବ ଦୂର କରିବାକୁ ପ୍ରୟାସ କରୁଥିଲେ। ଦୀନବଂଧୁ ଭଲ ଚିତ୍ର ଉତ୍ତୋଳନ କରୁଥିଲେ। ଆଦିବାସୀ ଅଂଚଳ ବୁଲି ସେମାନଙ୍କର ପରମ୍ପରା, ସଂସ୍କୃତି ଓ ସମସ୍ୟା ସହ ପରିଚିତ ହେଉଥିଲେ। ଅନେକ ସମୟରେ ସେଇ ଚିତ୍ରକୁ ନେଇ ବୃତ୍ତଚିତ୍ର ମଧ୍ୟ ପ୍ରସ୍ତୁତ କରୁଥିଲେ।..ଏଥିପାଇଁ ରାଜଧାନୀରେ ଷ୍ଟୁଡ଼ିଓଟିଏ ମଧ୍ୟ କରିଥିଲେ।

ଏପ୍ରିଲ ପହିଲା ୧୯୪୭ ମସିହାରୁ ୩୦ ନଭେମ୍ବର ୨୦୧୨: ମାତ୍ର ୬୫ ବର୍ଷ ଥିଲା ଦୀନବଂଧୁଙ୍କ ଆୟୁ। ଏଇ ଆୟୁ ଭିତରେ ନିଜକୁ ନିଃସ୍ୱ କରି ସେ ବହୁତ କିଛି ଦେଇଛନ୍ତି ଏ ସମାଜକୁ। ଠିକଣା ବାଟରେ ଏ ସମାଜକୁ ଚଳେଇବା ପାଇଁ ବହୁ ଭଲ ମଣିଷ ସେ ତିଆରି କରିଛନ୍ତି; ବହୁ ଅଭାବୀ, ଗରିବ, ଦୁଃଖୀରଂକିଙ୍କି ଅକାତରେ ସାହାଯ୍ୟ କରିଛନ୍ତି। ରେଢାଖୋଲର ପବିତ୍ର ମୋହନ ହାଇସ୍କୁଲରୁ ଶିକ୍ଷକତା ଆରଂଭ କରି ତା'ପରେ ସେ ଆସିଥିଲେ ରାଜଧାନୀର ଡି.ଏମ୍. ସ୍କୁଲ, ୟୁନିଟ୍-୯ ଓଏସ୍‌ସିବି ପ୍ରାଇମେରୀ ସ୍କୁଲ, ଚକେଇସିଆଣୀ ପ୍ରାଇମେରୀ ସ୍କୁଲ, ୟୁନିଟ୍-୨ ପ୍ରାଇମେରୀ ସ୍କୁଲ, ଆଇଆରସି ଭିଲେଜ୍ ପ୍ରାଇମେରୀ ସ୍କୁଲ ଆଉ ଶେଷରେ ଶହୀଦନଗର ପ୍ରାଇମେରୀ ସ୍କୁଲରୁ ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ।...ପେଶା ଆଉ ନିଶାରେ ବନ୍ଧ ବାନ୍ଧି ଦୀନବଂଧୁ ଦେଖେଇଦେଇଯାଇଛନ୍ତି, ଭଲ ମଣିଷ କେମିତି ହୁଅନ୍ତି।...ଦୀନବଂଧୁ ବାବୁ ନିଜ ଜୀବନରେ ଗାଡ଼ିଘୋଡ଼ା କରିପାରିନଥିଲେ, କୋଠାଫୋଠା ଗଢିପାରିନଥିଲେ; ହେଲେ ଗଢିଥିଲେ କିଛି ଭଲମଣିଷ, ଶିଖେଇଯାଇଥିଲେ ମଣିଷପଣିଆ କ'ଣ, ଜୀବନ କ'ଣ!

## 'ସୁଧାର' ସମ୍ପାଦକ ପରୀକ୍ଷିତ ଦାସଙ୍କ ବିୟୋଗରେ ଏଏସ୍‌ଏମ୍‌ଏନ୍‌ଆଇର ଶୋକ

ବ୍ରହ୍ମପୁର (ପିଏନ୍): ରାଉରକେଲାରୁ ପ୍ରକାଶ ପାଉଥିବା ଦୈନିକ ସମ୍ବାଦପତ୍ର 'ସୁଧାର'ର ସମ୍ପାଦକ ପରୀକ୍ଷିତ ଚନ୍ଦ୍ର ଦାସଙ୍କର ପରଲୋକ ହୋଇଯାଇଛି। ଦାସଙ୍କ ବିୟୋଗରେ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସଭାପତି ରବି ରଥ ଗଭୀର ଶୋକ ପ୍ରକାଶ କରିବା ସହ ସଂଗଠନ ଜଣେ ଲଢୁଆ ନେତାଙ୍କୁ ହରାଇଲା ବୋଲି କହିଥିଲେ। 'ସୁଧାର' ଖବରକାଗଜର ସମ୍ପାଦନା ଦାୟିତ୍ୱ ତୁଲାଉଥିବା ବେଳେ ବିଭିନ୍ନ ଖବରକାଗଜରେ ସାମ୍ବାଦିକତା କରି ଆସୁଥିଲେ। ସ୍ୱର୍ଗତଃ ଦାସଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମହାସଂଘର ସଭାପତିଙ୍କ ପକ୍ଷରୁ ସମବେଦନା ଜ୍ଞାପନ କରାଯାଇଛି।

## ସର୍ଭିସ୍ ରୋଡ ନିର୍ମାଣ ନିମନ୍ତେ ରାଜରାସ୍ତାକୁ ଓହ୍ଲାଇଲେ ଜନସାଧାରଣ

ଯୋଡା (ପିଏନ୍): ଯମ ଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ବହୁବାର ଅନୁରୋଧ କରିବା ସତ୍ତ୍ୱେ ଫ୍ଲାଇଓଭର ନିର୍ମାଣକାରୀ ଠିକା ସଂସ୍ଥା ଚେଭ୍‌ରୋକ୍ସ କମ୍ପାନୀ ଯୋଡାବାସୀଙ୍କର ଦୁଃଖକୁ ହୃଦୟଙ୍ଗମ କରୁନଥିବାରୁ ଅତିଷ୍ଠ ହୋଇ ଶେଷରେ ସେମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହୋଇଛନ୍ତି। ଦୀର୍ଘ ଦୁଇବର୍ଷ ହେବ ଫ୍ଲାଇଓଭର ନିର୍ମାଣକାର୍ଯ୍ୟ ଚାଲୁ ରହିଥିବା ବେଳେ ସରକାରୀ ନିୟମ ଅନୁଯାୟୀ ଲୋକମାନଙ୍କର ଯାତାୟତରେ କୌଣସି ବାଧା ସୃଷ୍ଟି ନହେବା ପାଇଁ ଦୁଇ ପାର୍ଶ୍ୱରେ ପ୍ରଥମେ ସର୍ଭିସ୍ ରୋଡ ନିର୍ମାଣ କରିବାର ପ୍ରାବଧାନ ରହିଛି। ଏହି ସର୍ଭିସ୍ ରୋଡ ନିର୍ମାଣ ନିମନ୍ତେ କମ୍ପାନୀକୁ ସରକାରଙ୍କ ତରଫରୁ ଅଧିକ ଅର୍ଥ ମଧ ଯୋଗାଇ ଦିଆଯାଇଥାଏ। ଏହି ଅର୍ଥକୁ କାମରେ ନଲଗାଇ ଆତ୍ମସାତ୍ କରିବାକୁ କମ୍ପାନୀ ମସୁଧା କରିଥିବାବେଳେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହାର ପ୍ରତିବାଦରେ ଅଞ୍ଚଳବାସୀ ଆଜି ସକାଳୁ ଏକତ୍ରିତ ହୋଇ କୁମାର ଯୋଡା ନିକଟରେ ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି। ଲୋକଙ୍କ ଅଭିଯୋଗ ମୁତାବକ ଠିକା ସଂସ୍ଥା ଓ ସ୍ଥାନୀୟ ପ୍ରଶାସନର ମଧୁଚନ୍ଦ୍ରିକାରେ ଏଭଳି ଅମାନୁଷିକ କାର୍ଯ୍ୟ ଦୀର୍ଘ ଦୁଇ ବର୍ଷ ହେବ ଚାଲିଆସୁଛି। ଯୋଡା ସହର ମଧ ଦେଇ ଯାଇଥିବା ୨ ନମ୍ବର ରାଜ୍ୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ପ୍ରତିଦିନ କୋଟି କୋଟି ଟଙ୍କାର ଖଣିଜ ପରିବହନ ହୋଇଥାଏ। ଉଗ୍ର ଗାଡିଚାଳନା ଓ ନିଶ୍ଚିତ ବିପଦରୁ ରକ୍ଷାପାଇବା ପାଇଁ ବହୁ ଦିନରୁ ଏକ ଫ୍ଲାଇଓଭର୍ ନିର୍ମାଣ ନିମନ୍ତେ ଦାବି ହୋଇଆସୁଥିଲା। ରାଜ୍ୟ ତଥା କେନ୍ଦ୍ର ସରକାର ଏହାକୁ ଗୁରୁତର ସହିତ ବିଚାରକୁ ନେଇ ରଣାଶାଳ ଘାଟି ଠାରୁ କୁମାର ଯୋଡା ପର୍ଯ୍ୟନ୍ତ ୨୦୨୧ ମସିହାରେ ଫ୍ଲାଇଓଭର୍ ନିର୍ମାଣ ନିମନ୍ତେ ଅନୁମତି ଦେଇଛନ୍ତି। ଏହି କାର୍ଯ୍ୟଟିକୁ ସମ୍ପାଦନ କରିବା ନିମନ୍ତେ ଓଡିଶା ବ୍ରିଜ କନ୍‌ଷ୍ଟ୍ରକ୍‌ସନ୍ (ଓବିସିସି) କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଓବିସିସି ଏହି ଫ୍ଲାଇଓଭର ନିର୍ମାଣ ପାଇଁ ଚେଭ୍‌ରୋକ୍ସ ନାମକ ଏକ ଠିକା ସଂସ୍ଥାକୁ ଦେଇଥିବା ଜଣାପଡିଛି। ଅସରାଏ ବର୍ଷାରେ ରାସ୍ତା ଉପରେ ପାଣି ଲହଡି ମାରିବା ସହିତ ଆଣ୍ଠୁଏ କାଦୁଅ ଭରିଯାଉଛି। ଏହି ରାସ୍ତାର ଦୁଇପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତିକୁ ସଂଯୋଗ କରୁଥିବା ରାସ୍ତାଗୁଡିକ ମଧ ଆଣ୍ଠୁଏ କାଦୁଅରେ ଭରିଯାଉଛି। ମୁଖ୍ୟ ରାସ୍ତାର ଦୁଇ କଡରେ ସ୍କୁଲ, ଡାକ୍ତରଖାନା, ବ୍ୟାଙ୍କ ଇତ୍ୟାଦି ଥିବାବେଳେ ଲୋକମାନେ ଯାତାୟାତ କରିବା ସମ୍ଭବ ହୋଇପାରୁନାହିଁ। ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାର କୋମଳମତି ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଇଥା'ନ୍ତି। କିନ୍ତୁ ବିଡମ୍ବନାର ବିଷୟ କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି ନଜର ଦେଉନଥିବାରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯିବା ସମ୍ଭବ ହୋଇପାରୁନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ କମ୍ପାନୀର ଏଭଳି ମନୋମୁଖି କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ଘୋର ନିନ୍ଦା କରିଛନ୍ତି। ଚେଭ୍‌ରୋକ୍ସ କମ୍ପାନୀ କାହାର ଛତ୍ରଛାୟା ତଳେ ରହି ଏଭଳି ଅମାନୁଷିକ କାର୍ଯ୍ୟ କରୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ସେପ୍ଟେମ୍ବର ୧୭

# ବାୟୋହ୍ୟାକ



ଡାକ୍ତର ସମ୍ରାଟ କର

ବର୍ଷା ଭିଜା ସକାଳୁ ସେ ଦିନ ପହଞ୍ଚିଥିଲେ ବନ୍ଧୁ ସତୀଶ। ସେ ତାଙ୍କ ସାନଭାଇର ସମସ୍ୟା ସମ୍ପର୍କରେ ମୋ ଠାରୁ ପରାମର୍ଶ ମାଗିଲେ। ତାଙ୍କ କହିବା ମୁତାବକ ଭାଇର ସେପରି କୌଣସି ସମସ୍ୟା ନାହିଁ କିନ୍ତୁ ତାର ଅସ୍ୱାଭାବିକ ଆଚରଣ ଆମକୁ ବେଳେ ବେଳେ ଭୟଭୀତ କରିଦେଉଛି। ତାଙ୍କ ଠାରୁ ସବିଶେଷ ବୁଝିବା ପରେ ମୁଁ ତାଙ୍କୁ କହିଲି ବାସ୍ତବ କଥା ହେଉଛି ଏହା ଆମ ମାନସିକ ଚିକିତ୍ସା ବିଜ୍ଞାନରେ ବାୟୋହ୍ୟାକ ପର୍ଯ୍ୟାୟର। ସେ ମୋତେ ଏ ସମ୍ବନ୍ଧରେ ପଚାରିବା ପରେ ମୁଁ ତାଙ୍କୁ କହିଲି ଯେ ଆଜିକାଲି ବ୍ୟସ୍ତ ଜୀବନଶୈଳୀ ଯୋଗୁ ଅନେକ ଲୋକ ବିଭିନ୍ନ ପ୍ରକାର ଶାରୀରିକ ଏବଂ ମାନସିକ ସମସ୍ୟା ଭୋଗୁଛନ୍ତି। କେହି କେହି ଅବସାଦର ଶିକାର ହେଉଛନ୍ତି ଆଉ କେହି ଓଜନ ବୃଦ୍ଧି ଯୋଗୁ ଚିନ୍ତାରେ ରହୁଛନ୍ତି। ଏହି ସବୁ ସମସ୍ୟା ଠାରୁ ଦୂରେଇବା ପାଇଁ ଲୋକମାନେ ଏବେ ବାୟୋହ୍ୟାକର ସାହାଯ୍ୟ ନେଉଛନ୍ତି। ହେଲେ ଏହି ବାୟୋହ୍ୟାକ କ'ଣ ଜାଣନ୍ତି ? ଆପଣଙ୍କ ଶରୀର ଏବଂ ମନର କାର୍ଯ୍ୟ କଳାପକୁ ବହୁ ପରିମାଣରେ ବୁଝିବାକୁ କୁହାଯାଇଥାଏ ବାୟୋହ୍ୟାକ। ଏହି ପ୍ରକ୍ରିୟାରେ ଆପଣଙ୍କର ଶାରୀରିକ ଏବଂ ମାନସିକ କାର୍ଯ୍ୟକଳାପକୁ ଡିକୋଡ କରି ଜୀବନଶୈଳୀରେ ପରିବର୍ତ୍ତନ ଅଣାଯାଇଥାଏ। ଯାହାଦ୍ୱାରା ଆପଣ ସ୍ୱାସ୍ଥ୍ୟରେ ଇଚ୍ଛାକୃତ ପରିବର୍ତ୍ତନ ଆଣିପାରିଥାନ୍ତି। ଏହି ପ୍ରକ୍ରିୟାକୁ ବାୟୋହ୍ୟାକିଙ୍ଗ କୁହାଯାଇଥାଏ ଏବଂ ଯେଉଁମାନେ ଏହା ମାଧ୍ୟମରେ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତି ସେମାନେ ହେଉଛନ୍ତି ବାୟୋହ୍ୟାକର୍ସ।

ବାୟୋହ୍ୟାକିଙ୍ଗର ଦୁଇଟି ଉଦ୍ଦେଶ୍ୟ। ପ୍ରଥମ ସ୍ୱାସ୍ଥ୍ୟ ଅଭାବକୁ ବୁଝିବା ଏବଂ ଏହାକୁ ଠିକ କରିବା। ଦ୍ୱିତୀୟଟି ଜୀବନଶୈଳୀରେ ଉନ୍ନତି ଆଣିବା ଏବଂ ଦୀର୍ଘ ଜୀବନ ହାସଲ କରିବା। ଘର ଅନ୍ଧାର ହୋଇଗଲେ କିଛି ଲୋକ ଶୋଇପଡ଼ନ୍ତି। ଅନେକ ଲୋକ ସକାଳେ ବିଛଣାରେ ଚା ପିଇବା ପରେ ଉଠନ୍ତି। ଅନେକ ଲୋକ ଉଷୁମ ପାଣିରେ ଗାଧୋଇବା ପସନ୍ଦ କରନ୍ତି। ଯଦି ଆପଣ ବ୍ୟାୟାମ କରିବାକୁ ସକ୍ଷମ ନୁହନ୍ତି ତେବେ ଆପଣଙ୍କ ମନ ଦିନସାରା ଦୁର୍ବଳ ହୋଇଯାଏ। ବାସ୍ତବରେ ଏହି ଭାବନା ଶରୀର ଏବଂ ମନର ଭାଷାକୁ ବୁଝିବାରେ ସାହାଯ୍ୟ କରିଥାଏ। ତଥାପି କିଛି ଲୋକ ସେମାନଙ୍କ ମନକୁ ନିୟନ୍ତ୍ରଣ କରିବାରେ ଅସମର୍ଥ ଥିବାବେଳେ ଅନେକ ଲୋକ ଅଛନ୍ତି ଯେଉଁମାନେ ଶରୀରରେ ଘଟୁଥିବା ପରିବର୍ତ୍ତନ ବିଷୟରେ ମଧ୍ୟ ଜାଣିପାରନ୍ତି ନାହିଁ। କିନ୍ତୁ ଜଣେ ବାୟୋହ୍ୟାକର ଶରୀର ଏବଂ ମନରେ ଘଟୁଥିବା ଏହି ପ୍ରକାର ପ୍ରତିକ୍ରିୟା ପ୍ରତି ସଜାଗ ରହିଥାଏ। ଏହାଯୋଗୁ ସେମାନେ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆଣିପାରିଥାନ୍ତି। ଯେମିତି ଯୋଗ ବ୍ୟାୟାମ କରିବା, ନିତିଦିନିଆ ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଆଣିବା, ଡିଜିଟାଲ ଗ୍ୟାଜେଟଠାରୁ ଦୂରେଇ ରହିବା। ଅନେକ ଲୋକ ବାୟୋହ୍ୟା ମାଧ୍ୟମରେ ଓଜନ ହ୍ରାସ କରିବା, ନିଦ୍ରାହୀନତା ଦୂର କରିବା, ଖାଦ୍ୟପେୟରେ ସୁଧାର ଏବଂ ଚିନ୍ତା ଅବସାଦ ଠାରୁ ଦୂରେଇ ପାରିଛନ୍ତି। ସର୍ବପ୍ରଥମେ ନିଜ ଦୈନନ୍ଦିନ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଭଲ ରୁଟିନବନ୍ଧା ଜୀବନ ତିଆରି କରନ୍ତୁ। ଖାଇବା ଓ ବିଶ୍ରାମର ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ, ଯଥାସମ୍ଭବ ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ନିଜକୁ ଦୂରେଇ ରଖନ୍ତୁ। ତେବେ ଅଧିକ କୌଣସି ସମସ୍ୟା ଉପୁଜିଲେ ଆପଣ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରନ୍ତି।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍,
ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ବାପା ବିରି ବେହେରା ପୁଅ କହ୍ନେଇ ବିଦ୍ୟାଧର



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ମୁଁ ବଙ୍ଗରାଜ୍ୟରେ ପାଠପଢ଼ା ତାଲିମ ପାଇଁ ଯାଇଥିବାବେଳେ ଖର୍ଚ୍ଚ ଉଠାଇବା ପାଇଁ ଅବକାଶ ସମୟରେ ଏକ ପିଲାଙ୍କୁ ଘରୋଇ ଟିଉସନ କରୁଥିଲି। ପାଠପଢ଼ା ଶେଷ ପରେ ତାର ମାଆ ମୋତେ ତାଙ୍କର ଘରେ ବନ୍ଧାଥିବା ଗାଈର ଦୁଗ୍ଧ ଗରମ କରି ଚାଟି ସହିତ ସନ୍ଧ୍ୟାରେ ଖାଇବାକୁ ଦେଉଥିଲେ। ଏ ସମୟରେ ସେ ମାଆଙ୍କ ସହିତ କେତେ ପ୍ରକାର ପ୍ରସଙ୍ଗ ଉପରେ କଥା ହେବାକୁ ପଡୁଥିଲା। ସେ ମାଆଙ୍କୁ ମୁଁ ନିଜ ମାଆପରି ଭକ୍ତି କରୁଥିଲି ସେ ବି ମୋ ପେଟ ଚିହ୍ନିବା ପରି କାମ କରୁଥିଲେ। ଥରେ ସେ ମାଆ କହିଲେ ମାଷ୍ଟ୍ରେ କେବେ ବାପା ଜେଜେ ବଂଶ ଜାତ ଲୁଚାଇବ ନାହିଁ କି, ତମ କହିବା ନାହିଁ। ଏଇଟାକୁ ମନେ ରଖିବ ବାପା ବିରି ବେହେରା ଆଉ ପୁଅ କହ୍ନେଇ ବିଦ୍ୟାଧର ହେବାକୁ କେବେ ପସନ୍ଦ କରି ସେପରି ହେବନାହିଁ। ଯଦିବା ମୋର ଜାତି ଗୋତ୍ର ବଂଶ ସମ୍ବନ୍ଧ ଠିକଣା ସବୁ କହିଥିଲେ ବି ସେ ଏପରି ତାଗିଦ କରିଥିଲେ। ମୁଁ ଏସବୁକୁ ତାଙ୍କୁ ମନେ ପକାଇ ଦେଲେ ବି ସେ କହିଥିଲେ ମାଷ୍ଟ୍ରେ ମୁଁ ତୁମକୁ ସନ୍ଦେହରେ କହୁନାହିଁ କି ତୁମ ବିଷୟରେ ଆମକୁ କିଛି ଅଜଣା ନାହିଁ ମାତ୍ର ସଂସାର କଥା ମୁଁ କହୁଛି ଏହା ଏପରି ନିତି ଦିନିଆଁ ହେଲାଣି। ଏ ଚକ୍ରରେ ଅନେକ ପଡୁଛନ୍ତି ଅତଏବ ତୁମେ ମୋର ପୁଅ ପରି ଏପରି ତାଗିଦ କରି ଦେଉଛି ମେନ ରଖିବ। ତୁମେ ଯୁବକ କାଳେ ଗୋତ ଖସିଯିବ ଏପାଇଁ ସାବଧାନ କରାଇ ଦେଉଛି।ତାଙ୍କର ଉକ୍ତି ପ୍ରବୃତ୍ତିରେ ସତ୍ୟ ମୋ ଜୀବନରେ ସାମ୍ନା କରିବାକୁ ବହୁଥର ସାମ୍ନା କରିବାକୁ ପଡୁଛି। ପାଠନ ଡିଗ୍ରୀ ଡିପ୍ଲୋମା। ଗୁଡ଼ାଏ ନାମରେ ଅନେକ ଯୋଡ଼ି ପକାଇବାରେ ଲିପ୍ତ ଅଛନ୍ତି। ଜାତି ଲୁଚାଇ ଅନେକ ଉଚ୍ଚଜାତି ଗ୍ରହଣରେ ସଙ୍ଗତ ପଙ୍ଗତ ସମ୍ବନ୍ଧରେ ଆସୁଛନ୍ତି। ଲମ୍ବ ସାର୍ଟ କୋର୍ଟ ସୁଟ ଯୋତା ଟାଇ ପିନ୍ଧି ନିଜର ପରିଚିତି ଜ୍ଞାନୀ ଉଚ୍ଚ ଶିକ୍ଷିତ ଗ୍ରହଣରେ ବସୁଛନ୍ତି। ଡକ୍ଟର ଲଗାଇ ନାମ ସୁନ୍ଦର କରୁଛନ୍ତି। ଡାକ୍ତରୀ ପାଠ ନପଢ଼ି ରୋଗୀର ଔଷଧ ବ୍ୟବସ୍ଥା କରୁଛନ୍ତି। ବିଭିନ୍ନ ପ୍ରକାର ବିଦ୍ୟା ଅଛି, ସଂସାରରେ ରୋଜଗାର ପାଇଁ ନିର୍ଦ୍ଦିଷ୍ଟ ଅଧ୍ୟୟନ ଅନୁଭୂତି ରୋଜଗାରକ୍ଷମ କରାଏ, ମାତ୍ର ରାଜନୀତି ଏମିତି ଥରେ ଜନମତର ସାହାଯ୍ୟରେ ନିର୍ବାଚନରେ ଜିତିଗଲେ ଲୋକ ଭାବୁଛି ସେ ସବଜାନତା, ପାଠପଢ଼ାରେ ଅଧିକକ୍ଷମ ହୋଇ ଥିବାଲୋକ ଶିକ୍ଷା ବିଭାଗର ମନ୍ତ୍ରୀ ହୋଇପାରୁଛନ୍ତି। ଅର୍ଥନୀତିରେ ଅଭ୍ୟସ୍ତ ନଥାଇ ଅର୍ଥମନ୍ତ୍ରୀ, ଆଇନପାଠରେ ଦକ୍ଷ ନୁହଁନ୍ତି ସେ ଆଇନମନ୍ତ୍ରୀ ଏପରି ଅନେକ ମନ୍ତ୍ରୀ କର୍ମରେ ଲିପ୍ତ। ସେପରି ଓଏଏସ୍, ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଏମାନେ ଷ୍ଟେପପିନ ପରି ଯେ କୌଣସି ବିଭାଗର ଦାୟିତ୍ୱ ରହିଲେ ତାକୁ ହାକିମ କରି ହାକିମ ହେଉଛନ୍ତି। ଅବଶ୍ୟ ଏ ମଧ୍ୟରେ ସମସ୍ତେ ଆପରଗ ଏହା ନୁହଁ ମାତ୍ର ଅନେକ ଅପରାଗ ଅଛନ୍ତି। ଆଜି ଦେଶର ଅବସ୍ଥା ଯାହା ଏ ପାଇଁ ପ୍ରତ୍ୟେକ ବିଭାଗରେ ଜଡ଼ିତ ଅଫିସର ମନ୍ତ୍ରୀ ଅନେକାଂଶରେ ବିଭାଗର ଭବିଷ୍ୟତ ବନାମ ରାଜ୍ୟ ବା ଦେଶର ପ୍ରଗତି ପାଇଁ ଟିକେ ବି ଭାବୁନାହାଁନ୍ତି। ଦେଖନ୍ତୁ ଏବେ ଇଡ଼ି ଇନକମ ଟ୍ୟାକ୍ସ, ଭିଜିଲାନ୍ସ ଯାହା ସବୁ ରେଡ଼ କରୁଛନ୍ତି କୋଟି କୋଟି ସଂଖ୍ୟାରେ ଟଙ୍କା ସିଜ କରୁଛନ୍ତି, ସୁନା ଜମିଜମା ଘର ସବୁ ସିଜର ଲିଷ୍ଟରେ ଆସୁଛି। ଏସବୁ କଣ ବ୍ୟକ୍ତିଗତ ଦଫା ପାଇଁ ଅଧିକାରୀ ବଛାଯାଇଥିଲା କି ? ଦେବତାଙ୍କର ବାକ୍ ଶକ୍ତି ନାହିଁ ମାତ୍ର ଦେବତା ଧର୍ମବଳ ପ୍ରଦାନକାରୀ ଏବେ ଅଧର୍ମ କାର୍ଯ୍ୟ ଏପରି ଦେବ ସମ୍ପତ୍ତି ଲୁଟ୍ ଦେବତା ସମ୍ପତ୍ତି ଲୁଟ ଏଥିରେ ମତୁଆନ କର୍ତ୍ତାଙ୍କ ଦ୍ୱାରା ହୋଇ ଚାଲିଲାଣି। ଦେବତା ଦ୍ୱାହିରେ ଲୋକେ ହଲାପ କରି ବିଶ୍ୱାସଭାଜନ ପୂର୍ବେ ହେଉଥିଲେ ଏବଂ ନିଆଁଗିଳା ସର୍ବତ୍ର ଦୃଶ୍ୟ। ପିଢ଼ି ପିଢ଼ି ଲୋକେ ବାପା ମାଆ ପରିବାର ସମ୍ବନ୍ଧରେ ସମୟ ସମୟ କାଟିଛନ୍ତି ଏବେ ବାପା ମାଆ ବୁଢ଼ା ହେଲେ ପିତା ଅଦରକାରୀ ଏମାନ ଜରାନିବାସରେ ଛଡ଼ା ଯିବା ପନ୍ଥାରେ ଆସିଗଲେଣି। କ୍ୱାର୍ଟରରେ ସହରରେ ରହିଲେ ସେ ସବୁର ଆବଶ୍ୟକ କ'ଣ ? ଦେବତା ପରମ୍ପରା ଏ କ୍ଷଣୀ ଅଣଦେଖା ପୁରାଣ ପୁରୁଣା ବହି ଏହା ନପଢ଼ିଲେ କଣ ବଞ୍ଚି ହେବନାହିଁ ବେଳ କାହିଁ ଏହାକୁ ଅଧ୍ୟୟନ କରିବାକୁ ପଢ଼ିବାକୁ ? ଅନେକ କଥାରେ ଓଲ୍ଡ ଇଜ ଗୋଲ୍ଡ କୁହାଯାଉଛି। ମାତ୍ର ଏସବୁ ପୋଥି ବାଇଗଣ ? ସମସ୍ତେ ଆଧୁନିକ ଶିକ୍ଷିତ ଆଧୁନିକ ଚଳନୀ, ବିଶ୍ୱାସୀ ପରମ୍ପରା ଆଉନାହିଁ। ସେ ମାଆ ଯାହା ସତର୍କ କରାଇଥିଲା ତାହା ଫଳିବାରେ ଲାଗିଲାଣି ହେଲେ ମୁଁ ଏସବୁ ପ୍ରଶ୍ନବାଚୀରେ ଏବେ ବାଟବଣା ? ସାଧୁସନ୍ଥ ବ୍ରାହ୍ମଣ ବୈଷ୍ଣବ ଗୁରୁଜନ ଏମାନେ ମୋର ଏବେ ବି ନମସ୍ୟ, ଠାକୁର ସେବା ମନରୁ ଯାଉନାହିଁ ସବୁ କୈବଲ୍ୟନାଥଙ୍କୁ ଜଣାଇ ମନକଥା ମନରେ ରଖି ମୁଁ ଆଗାମୀ ମୃତ୍ୟୁକାଳକୁ ଅପେକ୍ଷା କରିଛି ମାତ୍ର।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ଅନନ୍ତ ଚତୁର୍ଦ୍ଦଶୀ ବ୍ରତ



ଅଲେଖ ଚନ୍ଦ୍ର ସାମଲ

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ଦିନଟିକୁ ସମଗ୍ର ଭାରତରେ ପାଳନ କରାଯାଏ ଅନନ୍ତ ଚତୁର୍ଦ୍ଦଶୀ ଭାବେ । ଏହାକୁ ସ୍ଥାନବିଶେଷରେ ଅନନ୍ତ ଚତୁର୍ଥୀ ମଧ୍ୟ କୁହାଯାଇଥାଏ । ଆଜିର ଦିନରେ ଏହା ପଡୁଛି । ବେଶ ଜାକଜକମରେ ଅନୁଷ୍ଠିତ ହେଉଥିବା ବିଖ୍ୟାତ ଓ ଆଡ଼ମ୍ବରପୂର୍ଣ୍ଣ ମହାରାଷ୍ଟ୍ରରେ ଶ୍ରୀ ଗଣେଶଙ୍କୁ ଏହ ଦିନରେ ବିସର୍ଜିତ କରାଯାଇଥାଏ । ତେବେ ଏହି ଦିନଟି ଭଗବାନ ବିଷ୍ଣୁଙ୍କୁ ସମର୍ପିତ ଥିବାରୁ ସମସ୍ତେ ଅନନ୍ତ ବ୍ରତ ବା ଅନନ୍ତପଦ୍ମନାଭ ବ୍ରତ ପାଳନ କରିଥାନ୍ତି । ଏହି ଦିନ ଏକସଙ୍ଗେ ବିଷ୍ଣୁ, କୃଷ୍ଣ ଏବଂ ସତ୍ୟନାରାୟଣଙ୍କୁ ପୂଜା କରାଯାଇଥାଏ । ଧାତୁ ଦ୍ରବ୍ୟରେ ଅନନ୍ତଙ୍କ ପ୍ରତିମୂର୍ତ୍ତି ନିର୍ମାଣ ବା ଶାଳଗ୍ରାମଙ୍କୁ ପଦ୍ମ କିମ୍ବା ଭଦ୍ରମଣ୍ଡଳରେ ସ୍ଥାପନପୂର୍ବକ ଏହି ପୂଜା କରିବା ନିୟମ ରହିଛି। ଭବିଷ୍ୟ ପୁରାଣ ଅନୁସାରେ, ୧୪ ବର୍ଷ ଏହି ବ୍ରତ ପାଳନ କରିବା ବିଧେୟ।

ଅନନ୍ତ ଦେବଙ୍କ ବ୍ରତ ନିମନ୍ତେ ଅନନ୍ତ ବ୍ରତ କଥା ପ୍ରଚଳିତ। ଭବିଷ୍ୟ ପୁରାଣରେ ଯୁଧିଷ୍ଠିରଙ୍କୁ ଭଗବାନ ଶ୍ରୀକୃଷ୍ଣ ଏହା ଶୁଣାଇଛନ୍ତି। ଯୁଧିଷ୍ଠିର ଅନନ୍ତଙ୍କ ପରିଚୟ ଓ ତାଙ୍କର ତତ୍ତ୍ୱ ଜାଣିବାକୁ ଚାହିଁବାରୁ ଭଗବାନ ଶ୍ରୀକୃଷ୍ଣ ପ୍ରକାଶ କରିଥିଲେ ସେ ନିଜେ ହିଁ ଅନନ୍ତ ଏବଂ ସ୍ଥାନ ଓ କାଳ ଭେଦରେ ସୂର୍ଯ୍ୟ, ଚନ୍ଦ୍ର, କାଳ, କଳା, ଦିନ, ରାତ୍ରି, ପକ୍ଷ, ମାସ, ଋତୁ, ବର୍ଷ, ଯୁଗ, କଳ୍ପ ବ୍ୟବସ୍ଥାରେ ମୋକ୍ଷ ପ୍ରଦାନ ପାଇଁ ଜନ୍ମ ହୋଇଥାନ୍ତି। ଦୁଷ୍ଟ ନାଶନ ପାଇଁ ବସୁଦେବଙ୍କ କୂଳରେ ଜାତ ହୋଇଥିବା ପ୍ରଭୁ ପ୍ରକାଶ କରିଥିଲେ। ପୂଜା କାର୍ଯ୍ୟରେ ବ୍ୟବହୃତ ହୋଇଥାଏ ପାଣି, କଳସ, ଦୁବଘାସ ଏବଂ ପବିତ୍ର ସୂତ୍ର । ପାଣି କଳସ ଯମୁନା, ଦୂବଘାସ ଶେଷନାଗ ଏବଂ ୧୪ଟି ଗଣ୍ଠିଥିବା ସୂତ୍ର ଅନନ୍ତଙ୍କ ପ୍ରତୀକ । ଏହି ଦିନରେ ୧୪ ସଂଖ୍ୟାଟି ଗୁରୁତ୍ୱପୂର୍ଣ୍ଣ । ଭକ୍ତ ଶ୍ରଦ୍ଧାଳୁମାନେ ୧୪ ପ୍ରକାରର ଫୁଲ, ୧୪ ପ୍ରକାରର ଫଳ ଏବଂ ୧୪ ପ୍ରକାରର ପତ୍ରକୁ ବ୍ୟବହାର କରିଥାନ୍ତି ପୂଜାରେ । ପୁଣି ୧୪ ପ୍ରକାରର ପନିପରିବା ଏବଂ ଚଣା ଦ୍ୱାରା ପୂଜା ନିମନ୍ତେ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ ।

ଭଗବାନ ବିଷ୍ଣୁଙ୍କ ଅନନ୍ତଶୟାନ ମୁଦ୍ରାକୁ ଏହି ଅବସରରେ ପୂଜା କରିବା ହିନ୍ଦୁ ପରମ୍ପରା । ପୂଜା ପରେ ପୁରୁଷମାନେ ନିଜ ନିଜର ଡାହାଣ ଏବଂ ମହିଳାମାନେ ବାମ ମଣିବନ୍ଧରେ ପବିତ୍ର ସୂତ୍ର ବାନ୍ଧିଥାନ୍ତି । ଭାରତର କେତେକ ଅଞ୍ଚଳରେ ବାଉଁଶ ଟୋକେଇରେ ଦୂବ ତିଆରି ଶେଷନାଗଙ୍କୁ ପୂଜା କରାଯାଇଥାଏ । ନିଜ ରାଜ୍ୟ ଫେରି ପାଇବା ପାଇଁ ଲଗାତାର ୧୪ବର୍ଷ ଏହି ବ୍ରତ ପାଳନ କରିବାକୁ ଶ୍ରୀକୃଷ୍ଣ ଧର୍ମରାଜ ଯୁଧିଷ୍ଠିରଙ୍କୁ ପରାମର୍ଶ ଦେଇଥିବା ମହାଭାରତରେ ବର୍ଣ୍ଣିତ । ପୁଣି ଏହିପରି କରିବା ଦ୍ୱାରା ପାର୍ଥିବ ଯନ୍ତ୍ରଣାରୁ ମୁକ୍ତି ମିଳୁଥିବା ବିଶ୍ୱାସ କରାଯାଏ । ଏହି ବ୍ରତ କଥାରେ ମନୁଷ୍ୟ ମନରେ ଭକ୍ତି ଜାତ କରାଇବା ଏବଂ ପାପଠୁ ଦୂରରେ ରହିବାକୁ ସତର୍କ କରାଇ ଦିଆଯାଇଛି। ଏହି ଦିନରେ ପୁରୀ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ପୂଜାର ବ୍ୟବସ୍ଥା ରହିଛି ଏବଂ ଓଡ଼ିଆ ଆଧାତ୍ମିକ ବିଶ୍ୱାସରେ ଅନନ୍ତ ଚତୁର୍ଦ୍ଦଶୀର ସ୍ଥାନ ସ୍ୱତନ୍ତ୍ର।

*ପୂର୍ବତନ ଡିଏଫ୍‌ଓ , ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୪୩୭୨୫୭୧୨୩*

# ପରମ୍ପରାରେ ଭାଗବତ ଟୁଙ୍ଗୀ

## 'ପରମଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ....'



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମଣିଷର ଭାବକୁ ଯେ ପ୍ରକାଶିତ କରି ପ୍ରତିକ୍ଷଣରେ ସୁମାର୍ଗରେ ପରିଚାଳିତ କରିବାର ନିଦର୍ଶନ ଦିଏ ତାହା ହେଉଛି ଭାଗବତ। ଭାଗବତ ଜୀବନର ଗ୍ରନ୍ଥ। ଭାଗବତ ଚଳଣୀର ଚଳତ୍‌ମାନ ପ୍ରବାହ। ତାହା କେବଳ ଅନୁକରଣୀୟ ନୁହେଁ, ଅନୁସରଣୀୟ ମଧ୍ୟ। ଶ୍ରୀଜଗନ୍ନାଥ ଦାସ ଲେଖିଥିଲେ 'ପରମଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ।' ଜୀବନକୁ ସୁମାର୍ଗରେ ପରିଚାଳିତ କରିବାରେ ଭାଗବତ ହିଁ ସାହାଯ୍ୟ କରିଥାଏ। ଏହି ଭାଗବତକୁ କୁହାଯାଏ ପରମ ଶାସ୍ତ୍ର। ଭାଗବତର ପ୍ରାଧାନ୍ୟତାକୁ ଉପଲବ୍ଧି କରିବା ପାଇଁ ତାହାକୁ ଜୀବନ ଗ୍ରନ୍ଥରେ ପରିଣତ କରିବା ପାଇଁ, ଆଚରଣଶୀଳ କରାଇବା ପାଇଁ ପ୍ରତି ବର୍ଷ ପାଳିତ ହୁଏ ଭାଗବତଜନ୍ମ। ଭାଗବତ ଜନ୍ମରେ ଅନେକ ଲୋକ ଆନୁଷ୍ଠାନିକ ଭାବରେ ଭାଗବତ ପାଠ ଆରମ୍ଭ କରନ୍ତି ଏବଂ ପ୍ରତିଦିନ ଏକ ଅଧ୍ୟାୟ ପାଠକରି ପୁଣି ଭାଗବତ ଜନ୍ମ ଉତ୍ସବରେ ତାହାକୁ ବଢ଼ାଇ ଥାଆନ୍ତି। ଏହି ଦିନକୁ ମଧ୍ୟ କୁହାଯାଏ ଭାଗବତ ବଢ଼ା। ଏହି ଦିନ ଭାଗବତ ବଢ଼ିଥାଏ। ଶ୍ରୀମଦ୍‌ଭାଗବତ ମହାପୁରାଣ ଲେଖା ହେବାର ପୃଷ୍ଠଭୂମିରେ ରହିଛି ବ୍ୟାସଦେବଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା। ସମସ୍ତ ପୁରାଣ ଶାସ୍ତ୍ର, ବେଦ ଇତ୍ୟାଦି ସୃଷ୍ଟିକରି ସାରିଲା ପରେ ବ୍ୟାସଦେବ ମାନସିକ ସ୍ତରରେ ଶାନ୍ତି ପାଇଲେ ନାହିଁ। ଦେବର୍ଷି ନାରଦ ତାଙ୍କୁ ପ୍ରେରଣା ଦେଲେ ଯେ ଭାଗବତ ସୃଷ୍ଟି କରିବା ପାଇଁ। ଏହି ଆଷାଢ଼ ପୂର୍ଣ୍ଣମୀ ଦିନ ବ୍ୟାସଦେବ ଗଙ୍ଗାନଦୀ ତଟରେ ଶମ୍ୟାପାସ ନାମରେ ଆଶ୍ରମରେ ଭାଗବତର ଅମୃତୋପମ କଥା, ଗାଥାକୁ ରଚନା କରିବାକୁ ଲାଗିଲେ। ସେଦିନ ଥିଲା ପବିତ୍ର ଭାଦ୍ରବ ପୂର୍ଣ୍ଣିମା ତିଥି। ବ୍ୟାସଦେବ ଧ୍ୟାନସ୍ଥ ହୋଇ ସମଗ୍ର ଶ୍ରୀଲୀଳାକୁ ଅବଲୋକନ କଲେ। ଏହାପରେ ରଚନା କଲେ ଭାଗବତ। ଭାଗବତ ରଚନାକଳାପରେ ପ୍ରଦାନ କଲେ ପୁତ୍ର ଶକୁଦେବଙ୍କୁ। ଶୁକଦେବ ଶୁଣିଲେ ଭାଗବତର ଅମୂଲ୍ୟଗାଥା। ତାହା କ୍ରମେ ସୁତ ଓ ଶୌନକ ମୁନିଙ୍କ ନିକଟକୁ ଆସିଲା ପର୍ଯ୍ୟାୟକ୍ରମେ ଭାଗବତର କଥାବସ୍ତୁ।

ଆଜି ଆମେ ବୈଜ୍ଞାନିକ ଯୁଗର ମଣିଷ। ପ୍ରତିଟି କ୍ଷେତ୍ରରେ ପରୀକ୍ଷା ନିରୀକ୍ଷା କରିଚାଲିଛେ। ହେଲେ ଆମର ପରମ୍ପରା ଏପାଖରେ ଭୁଷୁଡ଼ି ପଡ଼ିଛି। ଭାଗବତ ଟୁଙ୍ଗୀ ଆଜି ସ୍ୱପ୍ନ ହେବାକୁ ବସିଲାଣି। ବିଲୁପ୍ତ ପ୍ରାୟ। ପ୍ରତ୍ୟେକ ସ୍ଥଳରେ ଆଧୁନିକତାର ବିଜୟ ନିଶାଣ ପ୍ରତିଧ୍ୱନିତ। ଏବେ ମିଞ୍ଜି ମିଞ୍ଜି ଦୀପ ଆଲୋକରେ ପୁରାଣ ପଣ୍ଡାଙ୍କ ଭାଗବତର ପଦ ଆଉ ଶୁଣାଯାଉନାହିଁ। ଭାଗବତ ଟୁଙ୍ଗୀ ଏବେ ପକ୍କା କୋଠା ଏବଂ ବିଜୁଳି ଆଲୋକରେ ଝଟକୁଛି। ସେଦିନର ଭାଗବତ ଗାଦୀ ଅଛି। ସଂସ୍କୃତି ଓ ପରମ୍ପରା ଏବେ ଭୂଲୁଣ୍ଠିତ। ପୂର୍ବପରି ଭାଗବତ ଟୁଙ୍ଗୀରେ ଆଉ ନ୍ୟାୟ ନିଶାପ ହେଉନାହିଁ କିମ୍ବା ଚାଷବାସ ସମ୍ବନ୍ଧରେ ଆଲୋଚନା ହେଉନାହିଁ। ଯୁଗ ବଦଳିଛି। ଆମକୁ ଇଲେକ୍‌ଟ୍ରୋନିକ ମିଡ଼ିଆ କିମିଆଁ କରିଛି। ପୂର୍ବପରି ପାରିବାରିକ ସମ୍ପର୍କରେ ସ୍ନେହ ଶ୍ରଦ୍ଧା କ୍ଷୀଣ ହୋଇ ଆସିଲାଣି। ସାହି ସାହି ମଧ୍ୟରେ ରାଜନୀତିକୁ ନେଇ ସୃଷ୍ଟି ହୋଇଛି ଫାଟ। ପ୍ରଥା ଓ ପରମ୍ପରାକୁ ପାଶୋରି ଦେଇ ପାଶ୍ଚାତ୍ୟର ଶ୍ରୋତାରେ ଭାସିଯିବା ଆମର ପ୍ରଗତିର ନୁହେଁ। ଦୁର୍ଗତିର ଲକ୍ଷଣ ନିଶ୍ଚୟ। ଆଧୁନିକତାର ଶୀର୍ଷରେ ଏବେ ଆମ ସମାଜ। ବିଜ୍ଞାନର ଜୟ ଧ୍ୱଜା ଉଡ଼ାଇ ଆମେ ଏବେ ଗର୍ବିତ। ଜୀବନରେ ପ୍ରତିଟି କଥାକୁ ଯୁକ୍ତି ଏବଂ ବିଜ୍ଞାନର ମାପକାଠିରେ ମାପି ବସିଛୁ। ଅବିଶ୍ୱାସ ଆମ ଚିରସହଚର। ପ୍ରତିଟି କ୍ଷେତ୍ରରେ ଚାହୁଁଛୁ ପ୍ରମାଣ ଆଉ ଯୁକ୍ତି। ପ୍ରମାଣ ସିଦ୍ଧ କଥାକୁ ସହଜରେ ବିଶ୍ୱାସ କରିନେଉଛୁ। ଯାହାର ପରିମାଣ ଆମେ ଆଜି ଭୋଗ କରୁଛୁ। ମଣିଷ ମଣିଷ ଭିତରେ ବିଶ୍ୱାସ ତୁଟିଗଲେ ଛିଡ଼ିଯାଏ ସମ୍ପର୍କର ସୂତାଖିଅ। ଭାଙ୍ଗିଯାଏ ସମ୍ପର୍କର ସୂତାଖିଅ। ଭାଙ୍ଗିଯାଏ ବିଶ୍ୱାସର ସେଇ ନଭଶ୍ଚୁମ୍ବୀ ଅଟ୍ଟାଳିକା। ଆଉ ଗଢ଼ି ଉଠେ ଅବିଶ୍ୱାସର ଏକ କାଳିମାମୟ ଭୂତକୋଠି। ସେହି ବାତାବରଣରେ ମିଳେ କେବଳ ଅଶାନ୍ତି ଆଉ ଦୁଃଖ। ଦୁଃଖ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଅତୀତରେ ଲୋକମାନେ ଯେଉଁ ପ୍ରଥା / ପରମ୍ପରା ଅବଲମ୍ବନ କରୁଥିଲେ ଆମେ ସେ ସବୁକୁ ଲିଭାଇବାକୁ ବସିଲୁଣି। ଯେମିତି ଭାଗବତ ଟୁଙ୍ଗି। ଏହି ଭାଗବତ ଟୁଙ୍ଗି ଝାଟି ମାଟି ନଡ଼ାଛପର ଘରଟିଏ ଥିଲ।। ସଞ୍ଜ ନଇଁଗଲେ ଏଠି ଦୀପବତୀ ଜଳାଇ ଦିଆଯାଏ। ହେଁସ ମଶିଣା ବିଛାଇ ଦିଆଯାଏ। ଗାଁର ଲୋକମାନେ ଶୁଦ୍ଧ ଶୌଚ ଭାବରେ ଧୂଆଧୋଇ ହୋଇ ଚାଲି ଆସନ୍ତି ଏଠାକୁ। ଶଙ୍ଖ, ହୁଳହୁଳି, ହରିବୋଲ ଧ୍ୱନିରେ ମୁଖରିତ ହୁଏ ପରିବେଶ। ପୁରାଣ ପଣ୍ଡାଙ୍କ କଣ୍ଠରୁ ଭାସିଆସେ ଭାଗବତର ଅମୂଲ୍ୟ ପଙ୍କ୍ତି। ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ। ପଦୁ ଗଳୁଛି ମକରନ୍ଦ। ସେ ମକରନ୍ଦ ପାନ କରି, ହେଲେ ତରିଲେ ବ୍ରଜନାରୀ। କହଇ ଜଗନ୍ନାଥ ଦାସ, ମୂଳଟି ଅଟଇ ବିଶ୍ୱାସ। ଏହି ଭାଗବତର ପଦଭିତରେ ଥାଏ ଲୋକଶିକ୍ଷା, ସାମାଜିକ ଚଳଣି ଏବଂ ବିଭିନ୍ନ ନୀତି ନିୟମ। ମଣିଷ ମଣିଷ ଭିତରେ ସ୍ନେହ ସୌହାର୍ଦ୍ଦ୍ୟ ବଢ଼ାଇବା ପାଇଁ ଭାଗବତ ପଦ ବାରମ୍ବାର ସୂଚନା ଦିଏ ଯେପରି – ଯେ ପାଞ୍ଚେ ପରର ମନ୍ଦ, ତା ପାଇଁ ପାଞ୍ଚନ୍ତି ଗୋବିନ୍ଦ। ଭାଗବତ ଟୁଙ୍ଗୀ ଯେ ଗାଁ ମଝିରେ ବା ସାହି ଭିତରେ ଗୋଟିଏ ନଡ଼ା ଛପର କୁଡ଼ିଆଟିଏ ଥିଲା ତାହା ନୁହେଁ ବରଂ ଏହା ଥିଲା ଗୋଟିଏ ନ୍ୟାୟାଳୟ। ପରସ୍ପର ମଧ୍ୟରେ ଝଗଡ଼ା ଝାଟିର ସମାଧାନ ହୁଏ ଏହି ଭାଗବତ ଟୁଙ୍ଗୀରେ। ଭାଗବତ ଟୁଙ୍ଗୀରେ ପୁଣି ବନ୍ଧୁ ବନ୍ଧାଯାଏ। ସମସ୍ତ ମତାନ୍ତର ଓ ମନାନ୍ତରର ସମାଧାନ ହୁଏ ଏହି ଭାଗବତ ଟୁଙ୍ଗୀରେ। ଭାଇ ଭାଇ ଭିତରର ବିଭେଦ ଦୂରୀଭୂତ ହୁଏ ଏହିଠାରେ। ଦୀପଶିଖା ଏବଂ ଭାଗବତ ଗାଦୀକୁ ସାକ୍ଷୀ ରଖି ଭୁଲର ପୁନରାବୃତ୍ତି ନକରିବାକୁ ଶପଥ ନିଅନ୍ତି ଦୋଷୀ। ଭାଗବତ ଟୁଙ୍ଗୀ ଥିଲା ଅତୀତର ଅତିଥିଶାଳା। ଦୂର ବାଟୋଇଟିଏ ସଞ୍ଜ ହେଲେ ଏଇଠି ଆଶ୍ରୟ ନେଉଥିଲା। ପୁଣି ରାତି ପାହିଲେ ଫେରିଯାଉଥିଲା ଗନ୍ତବ୍ୟ ପଥରେ। ଅତିଥି ସତ୍କାର କରିବାକୁ ସାହିର ଲୋକମାନେ ଅତିଥିଙ୍କୁ ବାଢ଼ି ଦିଅନ୍ତି ଛଅ ତରକାରୀ ନଅ ଭଜା। ସେ କାଳର ଭାଗବତ ଘର ଥିଲା ମନୋରଞ୍ଜନ ସ୍ଥଳୀ। ଭାଗବତ ପରେ ପରେ ଆରମ୍ଭ ହୁଏ କୀର୍ତ୍ତନ ଏବଂ ପରେ ପରେ ଜନସାଧାରଣଙ୍କର ଭଲମନ୍ଦ କଥା। ଏଠାରେ ପର ନିନ୍ଦା ପରଚର୍ଚ୍ଚା କରିବାକୁ ଦିଆଯାଉନଥିଲା। ସନ୍ଧ୍ୟାରେ କୀର୍ତ୍ତନରେ କିଛି ସମୟ ବିତାଇ ଦେଲେ ଲୋକମାନଙ୍କର ମନ ଖୁସି ହୋଇଯାଏ। ଭୁଲି ହୋଇଯାଏ ଦିନମାନର ପରିଶ୍ରମ। କେବଳ ସେତିକି ନୁହେଁ, ଭାଗବତ ଗୃହ ଥିଲା ଏକ ଶିକ୍ଷାୟତ। ନିରକ୍ଷର ଲୋକମାନେ ଏଇଠି ସାକ୍ଷର ହେଉଥିଲେ। ଦୀପ ଆଲୁଅରେ ମାଟି ସ୍ଲେଟ ଓ ଖଡ଼ି ସାହାଯ୍ୟରେ ଲେଖୁଥିଲେ ବର୍ଣ୍ଣମାଳା। ଆଉ କେତେଜଣ ନିଜର ନାଁ ଦସ୍ତଖତ ଶିଖୁଥିଲେ। ସବୁଠୁ ଭଲ କଥା ହେଲା ପୂର୍ବସନ୍ଧ୍ୟାରେ ଭାଗବତ ଗୃହରେ ପୁରାଣ ପଣ୍ଡା ଯାହା ଆଲୋଚନା କରୁଥିଲେ ସେ ସବୁ ପୁଣି ଆଲୋଚିତ ହେଉଥିଲା କର୍ମକ୍ଷେତ୍ରରେ। ଏହା ଥିଲା ଭାଗବତ ଟୁଙ୍ଗୀର ପାଠପଢ଼ା। ଭାଗବତ ଟୁଙ୍ଗୀ ଥିଲା ତୁଟୁକା ରୋଗର ଚିକିତ୍ସାଳୟ। ବିଭିନ୍ନ ପ୍ରକାର ରୋଗର ଚିକିତ୍ସା ପାଇଁ ଗାଁର ପୁରୁଖା ଲୋକମାନେ ଜଡ଼ିବୁଟୀ ବା ଚେରମୂଳୀର ଔଷଧ ବତାଇ ଦେଉଥିଲେ। ତାକୁ ବ୍ୟବହାର କରି ଲୋକେ ଅନେକ ମାରାତ୍ମକ ବ୍ୟାଧିରୁ ମଧ୍ୟ ମୁକ୍ତିଲାଭ କରୁଥିଲେ।

ଭାଗବତ ଟୁଙ୍ଗୀ ଯେ କେବଳ ଭାଗବତ ଟୁଙ୍ଗୀ ହୋଇ ରହିଥିଲା, ତାହା ନୁହେଁ। ଏହା ଥିଲା ସାହିର ପ୍ରାଣକେନ୍ଦ୍ର। ଏବେ ସମୟ ବଦଳିଛି। ବଦଳିଛି ପ୍ରଥା ଆଉ ପରମ୍ପରା। ନୂଆ ମୋଡ଼ ନେଇଛି ଚାଲି, ଚଳଣୀ ଆଉ ଆଚାର ବ୍ୟବହାର। ପୁରୁଖା ଲୋକଙ୍କୁ ଭାଗବତ ଗାଦିର କଥା କହିଲେ, ସେମାନେ ଅତୀତକୁ ସ୍ୱପ୍ନରେ ସୁଦ୍ଧା ପାଉନାହାନ୍ତି ବୋଲି କହନ୍ତି। ଆଉ ଅତୀତକୁ ହରାଇ ବର୍ତ୍ତମାନର ମାଇଲ ଖୁଣ୍ଟ ନିକଟରେ ଦଣ୍ଡାୟମାନ ବ୍ୟକ୍ତି ଚାହିଁଥାଏ ଆଗାମୀ ସୂର୍ଯ୍ୟାସ୍ତକୁ। ଜୀବନର ଅସ୍ତକାଳୀନ ସୂର୍ଯ୍ୟ କିରଣରେ ସବୁକିଛି ଝାପସା ଦେଖାଯାଏ। ଅତୀତର କଥାପେଡ଼ିକୁ ଖୋଲି ବସିଲେ ତାହା ପୁରାଣ ହୋଇଯାଏ। ସତରେ ସେ ସମୟ କାହିଁ ? ଯେଉଁଠି ସୁନାର ଇତିହାସ ରଚିତ ହୋଇଥିଲା ସେ ବେଳ ଚାଲିଯାଇଛି। ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ / ପଦୁ ଗଳୁଛି ମକରନ୍ଦ ଧ୍ୱନି କ୍ରମଶଃ କ୍ଷୀଣ ପ୍ରାୟ। ଏବେ ଭାଗବତ ଟୁଙ୍ଗୀ ନାହିଁ କିମ୍ବା ନଡ଼ା ଛପର ଘର ନାହିଁ। ଭାଗବତ ପାଠ କେବଳ ଆଧାତ୍ମିକତା ନଥିଲା ବରଂ ଏହା ଉତପ୍ରେରଣ ଯୋଗାଇଥିଲା ସ୍ୱାକ୍ଷରତା ଅଭିଯାନ ପାଇଁ। ଯେଉଁଥିରେ ପୁରୁଣା ଚାଟଶାଳୀ ଜନଶିକ୍ଷା ନିମିତ୍ତ ରହିଥିବା ମିଶାଣ, ଫେଡ଼ାଣ, ଗୁଣନ ଓ ହରଣ ଭଳି ରହିଥିଲା। ଜୀବନର ଅକ୍ଷର ଶିଖିବା ପରେ ଭାଗବତ ପାଠ କରିପାରିଲେ ଏହାଥିଲା ଜଣଙ୍କର ଜୀବନର କୃତାର୍ଥ। ଭଗବତ ବିଗ୍ରହ ସାକ୍ଷାତ ହେଉଛି ଶ୍ରୀମଦ୍ ଭଗବତ। ଏବେ ବି ଗ୍ରାମ ଗ୍ରାମରେ ଗାଦିପୂଜା ପ୍ରଚଳିତ। ଗାଦି ଗୋସେଇଁ ଆଉ ପୋଥି ଗୋସେଇଁଙ୍କୁ ଛୁଇଁ ଦେବା ମହାପାପ ଆଉ କଳି କଜିଆ ଲାଗିଲେ ଦୁଇପକ୍ଷଙ୍କ ଆପୋଷ ସମାଧାନ ବା ଝଗଡ଼ା ଏହିଠାରେ ହିଁ ମେଣ୍ଟା ଯାଉଥିଲା। ଭାଗବତର ଭାବନା ଏପରି ମହାନ ରହିଥିଲା ଯେ ଏହାକୁ କେହି ଭାଗବତ ସରିଲା ବୋଲି କୁହନ୍ତି ନାହିଁ ବରଂ ଭାଗବତ ବଢ଼ିବା ବା ପୋଥି ଉଠିବା ପରି ଶବ୍ଦ ଉଚ୍ଚାରଣ ହୁଏ। ସନ୍ଧ୍ୟା ସମୟରେ ଦୀପଟିର ପ୍ରଜ୍ୱୋଳିତ ଶିଖା ଭିତରେ ଭାଗବତର ଟୁଙ୍ଗୀଘରର ପୁରାଣ ପାଠ ଥିଲା ଗ୍ରାମ୍ୟ ବିଚାରାଳୟ ଆଉ ତାହା ହିଁ ଥିଲା ଲୋକ ଅଦାଲତ। ବାସୁଦେବ ଗୋସେଇଁଙ୍କୁ ପ୍ରଣିପାତ ହୋଇ ଭଗବତ ଚେତନା ସହ ଫେରୁଥିଲେ ଲୋକ। ହରିବୋଲ ଓ ହରିନାମ ସଂକୀର୍ତ୍ତନ ସହ ପବିତ୍ର ହୁଳହୁଳିରେ ଭାଗବତ ଟୁଙ୍ଗୀ ଉଚ୍ଛୁଳି ଉଠୁଥିଲା। ଜୀବନ ଚେତନାରେ ଭାଗବତର ସ୍ଥାନ ସ୍ୱତନ୍ତ୍ର।

*ସହ-ପ୍ରତିରକ୍ଷିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ*
*ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ସମ୍ବର୍ଦ୍ଧନା ଦେବା ନେବାର ମାନିଆ



ହିମାଂଶୁ ଶେଖର ଆଚାର୍ଯ୍ୟ

ଈଶ୍ୱର ପ୍ରତ୍ୟେକଙ୍କ ନିକଟରେ କିଛି ନା କିଛି ପ୍ରତିଭା ଦେଇଛନ୍ତି। ସେଥିପାଇଁ କୁହାଯାଏ ଫୁଲର ବାସ୍ନାଥିଲେ ସେ ମହକିବ ଆଉ ପ୍ରତିଭାଥିଲେ ତାର ଉନ୍ମେଷ ଘଟିବ। ପ୍ରତିଭାର ବିକାଶପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଅତୀତରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦେବାର ପରମ୍ପରା ମଧ୍ୟ ଥିଲା ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରତିଭାଧରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା। ଏପରିକି ରାଜରାଜୁଡା ଶାସନରେ ବି କବି, ସାହିତ୍ୟିକ, ଚିତ୍ରକର, କଳାକାର, ସଙ୍ଗୀତଜ୍ଞ, ନୃତ୍ୟ ବିଶାରଦ ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଉଥିଲା । ସେଇଥିପାଇଁ ତ ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜସଭାରେ ନବରତ୍ନ ତାଙ୍କ ରାଜସଭାକୁ ମହିମାମଣ୍ଡିତ କରିଥିଲେ । କାଳିଦାସଙ୍କ ଠାରୁ ଆରମ୍ଭ କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପର୍ଯ୍ୟନ୍ତ –ସବୁଠି ସମ୍ବର୍ଦ୍ଧନାର ଏକ ଉଜ୍ଜ୍ୱଳ ପରମ୍ପରା ଥିଲା ।

ମାତ୍ର ଏବେ ସମାଜର ଢଙ୍ଗ ବଦଳିଗଲାଣି। ସବୁଠି ପ୍ରତିଷ୍ଠା ହାସଲ ପାଇଁ ଚାଲିଛି ଜୋରସୋର୍ ଉଦ୍ୟମ।ଯେମିତି ହେଉ ପଛେ, ମାନପତ୍ର ଟିଏ ମିଳୁ। ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସକ ,କବି, ସାହିତ୍ୟିକ, ଗାଳ୍ପିକ, ନାଟ୍ୟକାର, କଳାକାର,ସାମ୍ବାଦିକ,ଶିକ୍ଷକ,କ୍ରୀଡାବିତ୍ ଓ ଅଭିନେତା ସମସ୍ତେ ଏଇ ଦୌଡରେ ସାମିଲ ହୋଇଛନ୍ତି। ଏହାକୁ ଲକ୍ଷ୍ୟ ରଖି ସଂପ୍ରତି ବିଭିନ୍ନ ପ୍ରକାରର ସାହିତ୍ୟ, ସାଂସ୍କୃତିକ, ସାମାଜିକ ଓ ଭିନ୍ନ ଭିନ୍ନ ସଂଗଠନ ସୃଷ୍ଟି ହେଲାଣି। ସୃଷ୍ଟି ହେବା ବି ଭଲ କଥା। କିନ୍ତୁ ଏଠି ସମ୍ବର୍ଦ୍ଧନା ଦେବାର ମାନିଆ ସୁନାମୀ ପରି ଗ୍ରାସ କରିଛି ସମସ୍ତଙ୍କୁ। ସମ୍ବର୍ଦ୍ଧନା ଦେବାପାଇଁ ସଂଗଠନ ଗୁଡିକ ମଧ୍ୟରେ ଯେତିକି ଆଗ୍ରହ, ସମ୍ବର୍ଦ୍ଧନା ନେଉଥିବା ବ୍ୟକ୍ତିର ମଧ୍ୟ ସେତିକି ଆଗ୍ରହ। ସତେ ଯେମିତି ସମ୍ବର୍ଦ୍ଧନା ଦେବା ଓ ନେବା ଏକ ନିଶା ପାଲଟି ଗଲାଣି । ଏପରିକି ଗୋଟିଏ ଗୋଟିଏ ସଭାରେ ପଚାଶ ଷାଠିଏ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯିବାର ଘଟଣାମାନ ଦେଖିବାକୁ ମିଳୁଛି । ଏହା କ'ଣ ସତରେ ପୂଜ୍ୟପୂଜା ପାଇଁ ଉଦ୍ଦିଷ୍ଟ । ଏହା ଦ୍ୱାରା ମାନପତ୍ରର ମାନ ହ୍ରାସ ପାଉଛି । ଆଜିକାଲି ସମାଜରେ ମାନପତ୍ର ଦେବା ଓ ପାଇବା ଖୁବ୍ ସହଜ ଓ ସସ୍ତା ହୋଇଯାଇଥିବାରୁ ଅନେକ ଅଯୋଗ୍ୟ ସଂସ୍ଥା ଅଯୋଗ୍ୟ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ପରି ମୁଲ୍ୟବାନ ପଦାର୍ଥର ମୁଲ୍ୟ ନଷ୍ଟ କରୁଛନ୍ତି।

ସମ୍ବର୍ଦ୍ଧନାର ଏକ ନିର୍ଦ୍ଦିଷ୍ଟ ମାନ ରହିବା ଦରକାର । ତାହେଲେ ଯୋଗ୍ୟତମ ବ୍ୟକ୍ତି ଯୋଗ୍ୟତା ଅନୁରୂପ ସମ୍ବର୍ଦ୍ଧନା ପାଇବା ସୁଯୋଗ ସୃଷ୍ଟି ହେବ ଏବଂ ପ୍ରତିଭାକୁ ଯଥାରୀତି ସମ୍ମାନ ମିଳିବ। ତା ନ ହେଲେ ଧୁଆମୂଳା ଓ ଅଧୁଆମୂଳା ସବୁ ସମାନ ହୋଇଯିବେ। ଇଏ ତ ଗଲା ଗୋଟିଏ ଦିଗ। ଅନ୍ୟ ଦିଗଟି ହେଉଛି ସମ୍ବର୍ଦ୍ଧିତ କରୁଥିବା ଅନୁଷ୍ଠାନ ମଧ୍ୟ ନିରପେକ୍ଷ ରହିବା ବିଧେୟ । ଅନେକ ସମୟରେ ପ୍ରିୟାପ୍ରୀତି, ରାଜନୈତିକ ଚାପ ଓ ଆର୍ଥିକ ସହାୟତା ପ୍ରକୃତ ପ୍ରତିଭା ଚିହ୍ନଟ କରିବାରେ ବାଧକ ସାଜୁଛି। ଫଳରେ ଅନେକ ସମୟରେ ଯୋଗ୍ୟ ପ୍ରତିଭାଧର ବ୍ୟକ୍ତିମାନେ ସମ୍ବର୍ଦ୍ଧିତ ହେଉଥିବା ସୁଯୋଗରୁ ବଞ୍ଚିତ ହେଉଥିବା ବେଳେ ପ୍ରତିଭା ନଥାଇ ଆଉ କେତେକ ସହଜରେ ସମ୍ବର୍ଦ୍ଧନା ପାଇବାରେ ସଫଳ ହେଉଛନ୍ତି। ଏବେ ପୁଣି ଅର୍ଥ ଦେଇ ସମ୍ବର୍ଦ୍ଧିତ ହେବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି । ଏପରି ଅସୁସ୍ଥ ପରମ୍ପରା ସର୍ବଦା ପରିହାର କରିବା ଆବଶ୍ୟକ । ସେହିପରି ସଂଗଠନ ଗୁଡିକର ଆଭିମୁଖ୍ୟ ମଧ୍ୟ ବିଚିତ୍ର। ଅନୁଷ୍ଠାନ ଗୁଡିକ ନିଜ ନିଜ ଅଞ୍ଚଳର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଦେବାର ମାନସିକତାରେ ନାହାଁନ୍ତି। ଗାଁ କନିଆଁ ସିଙ୍ଘାଣୀ ନାକି – ପରି ସେମାନେ ଅଲୋଡା, ଅଖୋଜା ହୋଇ ପଡି ରହିଛନ୍ତି ବଣମଲ୍ଲୀ ପରି । ସେହିପରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିମାନେ ମଧ୍ୟ କୌଣସି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ ହେବାପାଇଁ ଯିବା ପୂର୍ବରୁ ତାର ମାନ ଅନୁସାରେ ସମ୍ବର୍ଦ୍ଧିତ ହେବାର ମାନସିକତା ରଖିବା ଦରକାର। ତାହାହେଲେ ସମ୍ବର୍ଦ୍ଧନାର ଗୁରୁତ୍ୱ ଓ ପ୍ରାସଙ୍ଗିକତା ରହିବ। ଆହୁରି ଆଶ୍ଚର୍ଯ୍ୟର କଥା ଭଲ ଶିକ୍ଷକଟିଏ ଏଠି ରାଜ୍ୟ ପୁରସ୍କାର ଓ ରାଷ୍ଟ୍ରୀୟ ପୁରସ୍କାର ପାଇବା ପାଇଁ ନିଜେ ଆବେଦନ କରିଥାଏ। ସେ ନିଜେ ଭଲ ଓ ସେଥିପାଇଁ ସମ୍ମାନ ପାଇବାକୁ ହକ୍‌ଦାର ବୋଲି କହିବାକୁ ହୁଏ । ଏହାଠାରୁ ବଳି ଲଜ୍ଜାକର କଥା କ'ଣ ଥାଇପାରେ ? ଏଥିନିମନ୍ତେ ପାଠ ଅପେକ୍ଷା ଶାଠ ଅଧିକ ଦରକାର । ସେଥିପାଇଁ ବିଭିନ୍ନ ପ୍ରମାଣପତ୍ର ଅଣନିଶ୍ୱାସୀ ହୋଇ ଧାଁ ଧପଡ କରି ଯୋଗାଡ କରିବାକୁ ହୁଏ କୃତୀ ଶିକ୍ଷକର ସମ୍ମାନ ପାଇବା ପାଇଁ ।ଏବେ ପୁଣି ଜିଲ୍ଲା ସ୍ତରରେ ପୁରସ୍କୃତ କରିବା ପାଇଁ ବ୍ୟବସ୍ତା ରହିଛି ।ଏଥିପାଇଁ ସେମାନେ ଆବେଦନ ପତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବେ। ସେଇ ଏକା ବ୍ୟବସ୍ତା । ଗୋଟିଏ ପୁରସ୍କାର ଓ ଖଣ୍ଡିଏ ମାନପତ୍ର ପାଇବା ପାଇଁ ବାରଦୁଆର ବୁଲି ଆବେଦନ କରିବାକୁ ହେବ । ବିଚରା ଶିକ୍ଷକଟିଏ ବୋଲି ସିନା ! ସେ ପୁଣି ମଣିଷ ତିଆରିକରେ, ଦେଶର ଭବିଷ୍ୟତମାନଙ୍କୁ ଗଢେ । ସମ୍ବର୍ଦ୍ଧନା ଦେବାର ଏ ବ୍ୟବସ୍ଥା କେବେ ବଦଳିବ କେଜାଣି ? ଶିକ୍ଷକର ପଦମର୍ଯ୍ୟାଦା ରକ୍ଷା ପାଇଁ କଣ ଆଉ କିଛି ବିକଳ୍ପ ବ୍ୟବସ୍ଥାରେ ଭଲ ଶିକ୍ଷକ ଚୟନ କରାଯାଇପାରନ୍ତା ନାହିଁ ?

ସବୁଠୁ ବଳି ପଡିଛି ଫଳକ ଲଗାଇ ତାକୁ ଉଦ୍‌ଘାଟନ କରିବାର ପରମ୍ପରା। ତାକୁ ନେଇ ପୁଣି ଅନେକ ସମୟରେ ରାଜନୀତି। ଫଳକ ଲଗାଇବା ପାଇଁ ଯେତିକି ଖର୍ଚ୍ଚ ହୁଏନି, ତାହା ଠାରୁ ଅଧିକ ଖର୍ଚ୍ଚ ହୁଏ ଏଥିପାଇଁ ଆୟୋଜିତ ହେଉଥିବା ସଭା ପାଇଁ । ଯୁଆଡେ ଗଲେ ସିଆଡେ ନାମ ଫଳକ। ସେଥିରେ ପୁଣି କାହା ନାମ ରହିବ ନ ରହିବ ସେଥିପାଇଁ ରାଜନୀତି ଛକାପଞ୍ଝା । ଦିନ ଥିଲା ନାମ ଫଳକଟି ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା । ଫଳକଟି କାହା ଦ୍ୱାରା ଉଦ୍‌ଘାଟିତ ହୋଇଛି ଲୋକେ ତାକୁ ଆଗ୍ରହର ସହ ପଢୁଥିଲେ ଓ ଦେଖୁଥିଲେ। କିନ୍ତୁ ଅତି ପରିଚୟେ ଗୌରବ ନଷ୍ଟ ଅବସ୍ଥା ଆଜି ପରିଲକ୍ଷିତ ହେଉଛି ନାମ ଫଳକ କ୍ଷେତ୍ରରେ । ଯାହା ହୋଇଗଲା – ହୋଇଗଲା । ଅନ୍ତତଃ ଏଣିକି ଟିକେ ଆମ ଭିତରେ ସଚେତନତା ଆସୁ, ତାହା ନହେଲେ ଦିନ ଆସିବ ଚାରିଆଡେ ଖାଲି ଉଦ୍‌ଘାଟନ ଫଳକ ଥିବ। ଏବେ ପୁଣି ସ୍ଥାପିତ ପ୍ରତିମୂର୍ତ୍ତି ବ୍ୟତିରେକ ବଞ୍ଚିଥିବା ବ୍ୟକ୍ତି ବିଶେଷଙ୍କ ପ୍ରତିମୂର୍ତ୍ତି ତିଆରି କରିବା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଛି। ଖାଲି ସେତିକି ନୁହେଁ ଗାନ୍ଧି, ଉତ୍କଳମଣି, ଉତ୍କଳ ଗୌରବ ଉପାଧିରେ ଭୂଷିତ ଦେବା ପାଇଁ ଉପାଧିଧାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଏପରି ଘଟଣା ପରିଲକ୍ଷିତ ହେଉଛି। ଏହା ଭିତରେ ଅନେକ ଗାନ୍ଧି, ଉତ୍କଳମଣି ଓ ଉତ୍କଳ ଗୌରବ ସୃଷ୍ଟି କରି ସାରିଲୁଣି। ଏପରି କରିବା ଦ୍ୱାରା ଆମେ ସେହି ମହାପୁରୁଷମାନଙ୍କର ଅବମାନନା କରୁନାହେଁ ତ ?

ଏବେ କେତେକସ୍ଥଳରେ ପତିପୟ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ବଦାନ୍ୟତା ଦେଖେଇବା ପଛରେ ନିଜକୁ ବିଜ୍ଞାପିତ କରିବାର ମାନସିକତା ରଖିବା ଲକ୍ଷ୍ୟ କରାଯାଉଛି। ସେହିପରି ଅପାତ୍ରରେ ମଧ୍ୟ ପ୍ରୋତ୍ସାହନ ଓ ମାନପତ୍ର ଦିଆଯାଉଛି । ଯାହାଫଳରେ ମାନପତ୍ରର ମାନ ହ୍ରାସପାଉଛି। କୁହାଯାଏ–ମାଗି କଲ୍ୟାଣ ଯାଚି ଓଲଖି । ଏଇଠି ମନେପଡେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ କଥା। ଶ୍ରୀମନ୍ଦିର ପ୍ରତିଷ୍ଠା ପରେ ଯେତେବେଳେ ସୃଷ୍ଟି କର୍ତ୍ତା ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନଙ୍କୁ ବର ମାଗିବାକୁ କହିଲେ ସେତେବେଳେ ଉତ୍ତରରେ ସେ ଯାହା କହିଲେ ତାହା ହେଉଛି–'ଏ ମନ୍ଦିର ମୋ ବାପା ବା ଜେଜେବାପା କରିଥିଲେ ବୋଲି ମୋ ବଂଶରେ କେହି ନରୁହନ୍ତୁ'। ଏଥିରୁ ଆମକୁ ସବୁକଥା ବୁଝିବାକୁ ହେବ। ବଦାନ୍ୟତା ବିଜ୍ଞାପିତ ହେବା ମାନାସିକତା ଭିତରେ ହଜିନଯାଉ।ସେହିପରି ଅପୂଜ୍ୟମାନଙ୍କୁ ପୂଜା କରିବାବେଳେ ପୂଜ୍ୟ ଲୋକମାନେ ବାଦ୍ ପଡିନଯାଆନ୍ତୁ।

ସମ୍ବର୍ଦ୍ଧନା ଓ ମାନପତ୍ର ଦେବାର ଭାବ ନିଆରା। ପୂଜ୍ୟପୂଜାର ଆଦର ମଧ୍ୟ ରହିବା ଦରକାର। କିନ୍ତୁ ମାନପତ୍ର ଦେବାର ଏକ ନିର୍ଦ୍ଦିଷ୍ଟ ମାନ ରହୁ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବାର ମାନସିକତା ସୃଷ୍ଟି ହେଉ। ଯାହାକି ଉତ୍ତରପିଢି ପାଇଁ ଏକ ଆଦର୍ଶର ଭିତ୍ତିଭୂମି ତିଆରି କରିବ।

ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ-୯୯୩୭୧୫୧୦୫୨




## ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରିଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଈ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାର ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇନ୍ଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରଶେଖର ଜଗଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ମହାପୁରୁଷ ହଜରତ ମହମ୍ମଦଙ୍କ ଜନ୍ମଦିନ,ଉତ୍ସବମୁଖର ଧାମନଗର



ଧାମନଗର ,(ପି.ଏନ): ମହାପୁରୁଷ ହଜରତ ମହମ୍ମଦଙ୍କ ପବିତ୍ର ଜନ୍ମଦିନ ପାଳନ ଉପଲକ୍ଷ ଉତ୍ସବ ମୁଖର ଧାମନଗର ସହରାଞ୍ଚଳ। କୋରେସି ମହଲା ଛକରେ ଆକର୍ଷଣୀୟ ଫୁଲର ତୋରଣ ମନଲୋଭା ହୋଇଥିବାବେଳେ ୩୨ରୁ ଉର୍ଦ୍ଧ୍ୱ ସୁସଜ୍ଜିତ ଜୁଲୁସ୍ ଓ କାଫଲା ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା।ରବିବାର ସନ୍ଧ୍ୟାରେ ଧାମନଗର ଅଞ୍ଚଳରୁ ବିଭିନ୍ନ ସାହି ବସ୍ତି ଯଥା ପଠାଣମହଲ୍ଲା,କୋରେସି ମହଲ୍ଲା,ନାୟକ ସାହି, ଶ୍ୟାମପୁର,ହାଜିନଗର, ହବିବିନଗର, ବାଉଁଶ ବାଡ଼ି, କାଜିମହଲ୍ଲା,ବଜାର ସାହି, ମୁନସିପାଟଣା, ମୁଲଣା ସାହି, ବଣିଆ ସାହି,ଚାରାହାବେଲି, କଣ୍ଟାବଣିଆ ଇତ୍ୟାଦି ଅଞ୍ଚଳରୁ ମୋଟ ୩୨ଗୋଟି ରଙ୍ଗ ବେରଙ୍ଗ ଆଲୋକରେ ସୁସଜ୍ଜିତ ଜୁଲୁସ୍ ଓ କାଫଲା ଶୋଭାଯାତ୍ରା ବାହାରି ବଜାର ପରିକ୍ରମା ସହ ଭାରତ ପ୍ରସିଦ୍ଧ ପୀଠ ଖାନକା ସରିଫ୍ ପରିସରରେ ପହଞ୍ଚିଥିଲା। ସେଠାରୁ ସନ୍ଧ୍ୟା ୮ଟା ସମୟରେ ସମସ୍ତ ଜୁଲୁସ୍ ଏକ ସଂଗେ ପର୍ଯ୍ୟାୟ କ୍ରମେ ବିଶାଳ ଶୋଭାଯାତ୍ରାରେ ଧାମନଗର ଇଦଗା ମଇଦାନ ଅତିକ୍ରମ କରି ବଡବଜାର,ସାନବଜାର ଛକ ବାଟେ ଜଗତି କଦମରସୁଲ ଠାରେ ପହଞ୍ଚି ଥିଲେ। ଏହି ଜୁଲୁସ୍ ଓ କାଫଲା ଶୋଭାଯାତ୍ରାରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିବା ବେଳେ ସୁସଜ୍ଜିତ ଜୁଲୁସ୍ ଦେଖିବା ପାଇଁ ପଡୋଶୀ ଜିଲ୍ଲା ଯାଜପୁର,ଭଦ୍ରକ,ବାଲେଶ୍ୱର ଓ କେନ୍ଦ୍ରାପଡା ଅଞ୍ଚଳରୁ ଆସିଥିବା ଲୋକମାନଙ୍କ ପ୍ରବଳ ଭିଡ ଜମିଥିଲା। ଏହି ଅବସରରେ ବିଭିନ୍ନ କମିଟି,ସଂଗଠନ ଓ ଅନୁଷ୍ଠାନ ତରଫରୁ ୧୧ଟି ସ୍ଥାନରେ ପେଣ୍ଡାଲ ମାଧ୍ୟମରେ ଜୁଲୁସ୍ ଓ କାଫଲା କମିଟିକୁ ଶୁଭେଚ୍ଛା ଜଣାଇବା ସହ ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଜେଡି,ବିଜେପି ଓ କଂଗ୍ରେସ ତରଫରୁ ପବିତ୍ର ଜନ୍ମ ଦିନର ଶୁଭେଚ୍ଛା ଜଣେଇବା ସହିତ ଜୁଲୁସ୍ କମିଟିକୁ ପୁଷ୍ପଗୁଚ୍ଛ ପୂର୍ବକ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଜେଡି ପେଣ୍ଡାଲରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ତଥା ଯାଜପୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ,ଯାଜପୁର ଜିଲ୍ଲା ବିଜେଡ଼ି ସଭାପତି ସରୋଜ ମହାପାତ୍ର,ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ,ଏନ୍ ଏ ସି ଅଧ୍ୟକ୍ଷା ନିବେଦିତା ଜେନା,ସମାଜସେବୀ ଡ଼ା.ସଞ୍ଜୟ କୁମାର ଦାସ,ଉପାଧ୍ୟକ୍ଷ ଓ୍ୱାସିମ ଏସଦାନୀ କାଦରୀ ଓ କେତେକ କାଉନସିଲର,ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତି,ନଗର ସଭାପତି ସୁଶାନ୍ତ କୁମାର ରାଉତ,ଯୁବ ସଭାପତି ସେକ ସୈଫୁଦ୍ଦିନ,ସଂଖ୍ୟାଲଘୁ ନେତା ସେକ ଜାଫର ଅଲ୍ଲୀ,ସେକ ରୋସ୍ତମ ପ୍ରମୁଖ ଉପସ୍ଥିତ ରହି ଜୁଲୁସ୍ ଓ କାଫଲା କମିଟି ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜଣାଇଥିବା ସୂଚନା ମିଳିଛି। ସେହିପରି ବିଜେପି ନେତା ତଥା ନଗର ସଭାପତି କୈଳାସ ଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ମନୋରଞ୍ଜନ ମଲ୍ଲିକ,ଅରବିନ୍ଦ ପତି,ଗୋଲାମ ଜିଲାନି ହବିବି,ସେକ ସାଦିକ,କଂଗ୍ରେସ ଦଳର ନେତୃବୃନ୍ଦ ଏବଂ ବହୁ ସାମ୍ବାଦିକ ଉପସ୍ଥିତ ରହି ଶୁଭେଚ୍ଛା ପ୍ରମୁଖ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ। ଧାମନଗର ଆମଦ କମିଟି ପକ୍ଷରୁ ଏମଡି ହବିବୁର ରହେମାନଙ୍କ ନେତୃତ୍ୱରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୋମବାର ଏହି ଉର୍ସ ଉତ୍ସବରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଆଦି ଅଞ୍ଚଳରୁ ହଜାର ହଜାର ବାବାଙ୍କ ଭକ୍ତ ଓ ଶ୍ରଦ୍ଧାଳୁ ଧାମନଗର ସ୍ଥିତ ଜଗତି କଦମରସୁଲ ଠାରେ ପହଞ୍ଚି ତବ୍କାତ୍ ଓ ପୀରବାବାଙ୍କୁ ଦର୍ଶନ କରି ଆଶିର୍ବାଦ ଗ୍ରହଣ କରିଥିବା ବେଳେ ବିଭିନ୍ନ ରାଜନୈତିକ ଦଳର ନେତା ପୀରବାବାଙ୍କୁ ମଧ୍ଧ ଦର୍ଶନ କରିଛନ୍ତି। ବିଭିନ୍ନ ରାଜନୈତିକ ଦଳର ନେତାମାନେ ଜଗତି କଦମରସୁଲ ଠାରେ ପହଞ୍ଚି ତବ୍କାତ୍ ଦର୍ଶନ କରିଥିଲେ। ଉକ୍ତ ପର୍ବ ୧୫ ଓ ୧୬ ଦୁଇ ଦିନ ଧରି ପାଳନ କରାଯାଇଛି।

## ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧେଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି।ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

## ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକ୍ରିର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତ୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟଭିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

## ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇôକ୍ଷଶ୍ୱ;ରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

## ପଳାଶୁଣିରେ ହେବ ଫୁଟ୍ ଓଭରବ୍ରିଜ୍ , ଜାଗା ଦେଖିଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର ,(ପି.ଏନ): ରାଜଧାନୀର ଦୁର୍ଘଟଣା ପ୍ରବଣ ସ୍ଥାନ ପଳାଶୁଣିରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍। ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣିଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ନେଇ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀମତୀ ଷଡଙ୍ଗୀ ମଙ୍ଗଳବାର ଦିନ ଏଥିପାଇଁ ଜାଗା ପରିଦର୍ଶନ କରିଛନ୍ତି । ଏହାସହିତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ।

## ଯଶୁଆପୁର ବାଲି ପୋଖରୀ ହୁଡାରେ ନଡ଼ିଆ ଓ ଆମ୍ବ ଚାରା ରୋପଣ



ବାଲିଅନ୍ତା: ଖୋର୍ଦ୍ଧା ଜିଲ୍ଲା ଅଧୀନ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ଗ୍ରାମପଞ୍ଚାୟତର ଯଶୁଆପୁର ବାଲିପୋଖରୀ ଗାଡିଆ ହୁଡାରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଯଶୁଆପୁର ବିକାଶ ପରିଷଦ ଏବଂ କାଞ୍ଚନ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ପବିତ୍ର ବିଶ୍ୱକର୍ମା ପୂଜା ଦିବସରେ ନଡ଼ିଆ ଗଛ ୪୦ଟି ଓ ଆମ୍ବ ଗଛ ୪୦ଟି ରୋପଣ କରାଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗିରିଜା ମେମୋରିଆଲ ଫାଉଣ୍ଡେସନ ଟ୍ରଷ୍ଟ ଅଧ୍ୟକ୍ଷା ଅମୀୟବାଳା ପରିଡା ଯୋଗଦେଇ ବନ ବୃକ୍ଷ ରୋପଣର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ବିଷୟରେ ଲୋକମାନଙ୍କୁ ସଚେତନର ବାର୍ତ୍ତା ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ୍ ବିଧୂଭୁଷଣ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଗଛର ଉପକାରିତା ବିଷୟରେ ଉଦବୋଧନ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବାଲକାଟି ମଣ୍ଡଳ ବିଜେପିର ସଭାପତି ବିଜୟ ମହାରଣା, ଦୁର୍ଯ୍ୟୋଧନ ପ୍ରଧାନ, ଜୟକୃଷ୍ଣ ମହାପାତ୍ର ଓ ସ୍ଥାନୀୟ ସରପଞ୍ଚ ରମାଲତା ନାୟକ,ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ପ୍ରକୃତି ବନ୍ଧୁ ନିରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମଣ ଜେନା, ହରେକୃଷ୍ଣ ମହାରଣା, ବିଜୟ କୁମାର ନାୟକ, ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତି ରହି ବୃକ୍ଷ ରୋପଣ କରିଥିଲେ । ଏପର୍ଯ୍ୟନ୍ତ ଏହି ହୁଡାରେ ୩୦୦ ରୁ ଉର୍ଦ୍ଧ୍ୱ ବିଭିନ୍ନ ବୃକ୍ଷ ରୋପଣ କରାଗଲାଣି ବୋଲି ଯୁବ ସମାସେବୀ ଶ୍ରୀ ମହାପାତ୍ର କହିଛନ୍ତି।

## ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ

ଭୁବନେଶ୍ୱର(ପିଏନ)– ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚସ୍ପତ ମତ ପ୍ରକାଶ କରିଛନ୍ତି । ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ଓ୍ୱିବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର – ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ୟସୀ ପ୍ରସଂଶା କରିଥିଲେ । ଆଜି ଇ –ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର – ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର – ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ । ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ । ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର – ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୁଚାଇଥିଲେ । ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟର୍ଥୀର ଦୁଆର ମୁହଁରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ ।

ଉଭୟ ପ୍ରକୃତ ଓ ଓ୍ୱ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର– ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର– ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧ୍ୟାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ । ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର – ଗୁରୁକୁଳ ବଦ୍ଧପରିକର ବୋଲି ଇଂ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର– ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଂ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ । ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୁଦୁଲି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ ।




# ଆଜିର ଯୁବପୀଢ଼ି ଓ ବରିଷ୍ଠ ନାଗରିକ

ଭୁବନେଶ୍ୱର(ପିଏନ୍): ଭାରତବର୍ଷର ସ୍ୱପ୍ନ, ସମ୍ଭାବନା ଓ ଭବିଷ୍ୟତ ଦେଶର ଯୁବପିଢ଼ୀଙ୍କ ଉପରେ ନ୍ୟସ୍ତ। ତେବେ ନିକଟ ଭବିଷ୍ୟତରେ ଯୁବ ଶକ୍ତି ଆମ ଦେଶର ସବୁଠାରୁ ବଡ଼ ଶକ୍ତି, ସମ୍ବଳ ଓ ସଂପଦ ହେବାକୁ ଯାଉଛି। ଏ କଥା ବିଭିନ୍ନ ସର୍ବେକ୍ଷଣ ତଥା ପରିସଂଖ୍ୟାନରୁ ସ୍ପଷ୍ଟ ହୋଇଛି। ଏବେ ଆମ ଦେଶରେ ୫୦ ପ୍ରତିଶତଙ୍କ ବୟସ ୨୫ ବର୍ଷ ତଳେ। ଦଶରୁ ଚବିଶ ବର୍ଷ ବୟସ ଗୋଷ୍ଠୀରେ ଏବେ ଅଛନ୍ତି ୩୬୫ ନିୟୁତ ଭାରତୀୟ ଯୁବକ ଯୁବତୀ। ଭାରତୀୟ ଜନ ସଂଖ୍ୟାର ୬୫ ପ୍ରତିଶତଙ୍କ ବୟସ ୩୫ ବର୍ଷ ତଳେ। ଏକ ଆକଳନରୁ ଜଣାପଡ଼ିଛି ଯେ ୨୦୨୦ ମସିହା ଶେଷବେଳକୁ ଭାରତର ଯୁବକଯୁବତୀଙ୍କ ସଂଖ୍ୟା ପୃଥିବୀର ଯେକୌଣସି ଦେଶ ତୁଳନାରେ ସର୍ବାଧିକ ଥିଲା ଏବଂ ସେଇ ସମୟରେ ଭାରତୀୟମାନଙ୍କ ହାରାହାରି ବୟସ ହୋଇଥିଲା ୨୯। ଏହା ନିଶ୍ଚିତ ଭାବେ ଆଶା ଉଦ୍ରେକକାରୀ। କାରଣ ଯଦି ମାନବ ସମ୍ବଳର ଏକ ବୃହତ୍ ଭାଗ ଯୁବଗୋଷ୍ଠୀ ହେବେ, ତେବେ ସେ ଦେଶର ପ୍ରଗତିର ସେ ଦେଶର ପ୍ରଗତିର ବେଗ ଦ୍ରୁତ ହେବା ଅନିବାର୍ଯ୍ୟ। କିନ୍ତୁ ଏ ପରିପ୍ରେକ୍ଷୀରେ ଆଉ ଏକ ପରିସଂଖ୍ୟାନ ଏହା ବି ଜଣେଇ ଦେଉଛି ଯେ ଭବିଷ୍ୟତର ଯୁବ ଉନ୍ମାଦନା ପରିଚାଳିତ ଭାରତରେ ଏକ ଅଦୃଶ୍ୟ କ୍ଷତ ଭାରତୀୟ ସମାଜକୁ ଯନ୍ତ୍ରଣା ଜର୍ଜରିତ କରୁଥିବ, କିନ୍ତୁ ଅଦୃଶ୍ୟ ହୋଇଥିବା ହେତୁ ତାହା ବାହାରକୁ ଜଣାପଡୁ ନଥିବ। ସେ କ୍ଷତଟି ହେଲା ବରିଷ୍ଠ ନାଗରିକଙ୍କ ସଂଖ୍ୟା ବୃଦ୍ଧି ସହିତ ସେମାନଙ୍କ ଦୟନୀୟସ୍ଥିତି। ବିଭିନ୍ନ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୬୦ ବର୍ଷ ବୟସରୁ ଅଧିକ ବୟସ ବର୍ଗର ଭାରତୀୟଙ୍କ ସଂଖ୍ୟା ଏବେ ୧୦୪ ନିୟୁତ। କିନ୍ତୁ ଉଦ୍‌ବେଗର କଥା ହେଲା ୨୦୦୬ରୁ ୨୦୫୦ ଭିତର ଅବଧିରେ ଭାରତୀୟ ଜନସଂଖ୍ୟାରେ ୪୦ ପ୍ରତିଶତ ବୃଦ୍ଧି ଦେଖାଦେବାର ସମ୍ଭାବନା ଥିବାବେଳେ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକମାନଙ୍କ ସଂଖ୍ୟାରେ କଳ୍ପନାନୀତ ଭାବେ ୨୭୦ ପ୍ରତିଶତ ବୃଦ୍ଧି ଘଟିଥିବ। ଜାତିସଂଘର ଜନସଂଖ୍ୟା ଡିଭିଜନ ସୂତ୍ରରୁ ପ୍ରକାଶ ଯେ ୨୦୫୦ ବେଳକୁ ଭାରତରେ ୮୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ହୋଇଥିବ ୪୮ ନିୟୁତ ଏବଂ ୬୦ବର୍ଷ ବୟସରୁ ଅଧିକ ବୟସ ବର୍ଗର ଲୋକଙ୍କ ସଂଖ୍ୟା ହୋଇଥିବ ୩୨୪ ନିୟୁତ। ଏଇ ବୟସ ବର୍ଗର ଲୋକଙ୍କ ଭିତରୁ ଅସଂଖ୍ୟ ବେଶ୍ ସମର୍ଥ ହୋଇଥିବା ସତ୍ତ୍ୱେ କାର୍ଯ୍ୟରୁ ଅବସର ନେବାକୁ ବାଧ୍ୟ ହୋଇଥିବେ ଏବଂ ନିଜ ନିଜ ଘର ଭିତରକୁ ଅପସରି ଯାଇଥିବେ। ବିଭିନ୍ନ କାର୍ଯ୍ୟ କରିବାକୁ ଯୋଗ୍ୟ ହୋଇଥିବା ସତ୍ତ୍ୱେ ସେମାନେ ସୀମାନ୍ତରିତ ହୋଇଯାଇ ଥିବେ। ଜଣାଯାଇଛି ଯେ ଏବେ ଅବସର ନେଉଥିବା ଲୋକଙ୍କ ଭିତରେ ୯୨ ପ୍ରତିଶତ ପେନ୍‌ସନ ପାଆନ୍ତି ନାହିଁ ଏବଂ ୯୦ ପ୍ରତିଶତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଭିତରେ ଅନ୍ତର୍ଭୁକ୍ତ ନୁହନ୍ତି। ପୃଥିବୀଟା ଯୁବକମାନଙ୍କର ବୋଲି କୁହାଯାଏ। କାରଣ ଯୁବକମାନେ ହିଁ ଏ ଜଗତର ନାନା କାରବାର ଚଳାନ୍ତି। କିନ୍ତୁ କ୍ରମେ ଯେଉଁ ବିଡ଼ମ୍ବିତ ସମୟଟି ଆସିବାକୁ ଯାଉଛି ସେଥିରେ ଦେଖାଯିବ ଯେ ବରିଷ୍ଠ ନାଗରିକମାନେ ଶିକ୍ଷାଦୀକ୍ଷାର ପ୍ରଭାବରୁ, ଖାଦ୍ୟପେୟ ତଥା ଉନ୍ନତ ଚିକିତ୍ସା ସେବାର ପ୍ରସାଦରୁ ଅଧିକ ସକ୍ରିୟ ତଥା ଯୁବକସୁଲଭ ହୋଇପାରିଥିଲେ ମଧ୍ୟ ସେମାନେ ନିଃସଙ୍ଗ ଏବଂ କର୍ମହୀନ ଜୀବନ ଜିଇବାକୁ ବାଧ୍ୟ ହେବେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆମ ସମୟର ବରିଷ୍ଠ ନାଗରିକଙ୍କ ଉନ୍ନତିକଳ୍ପେ ଅନେକ ଯୋଜନା ଓ ପ୍ରକଳ୍ପ ହାତକୁ ନେଇଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବରିଷ୍ଠ ନାଗରିକଙ୍କ ଧନଜୀବନ ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ଭାବେ କିଛି କେନ୍ଦ୍ରୀୟ ଯୋଜନା ହାତକୁ ନେଇଛନ୍ତି ଯାହାକି ପରିଣତ ବୟସରେ ପହଞ୍ଚିଥିବା ଜଣେ ଲୋକଟି ପାଇଁ ଆଶା ସଞ୍ଜିବନୀ ସଦୃଶ। ଓଡ଼ିଶା ସରକାର ଆଉ ପାଦେ ଆଗକୁ ଯାଇ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମସ୍ତ ସହାୟତା ନିମିତ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଶେଷକରି କଟକ-ଭୁବନେଶ୍ୱର ଦ୍ୱୈତ ନଗରୀରରେ ଏକାକୀ ରହୁଥିବା ବରିଷ୍ଠ ନାଗରିକମାନେ କିପରି ନିରାପଦରେ ଜୀବନ ନିର୍ବାହ କରିବେ ଓ ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଗଲେ ଓଡ଼ିଶା ପୋଲିସର ନିୟୋଜିତ କିଛି ସ୍ୱତନ୍ତ୍ରକର୍ମୀ ମାନେ ସେମାନଙ୍କ ଦାୟିତ୍ୱ ସୁରକ୍ଷା ନେବା ପାଇଁ ଗୃହବିଭାଗ ଏ ନେଇ କାର୍ଯ୍ୟ ଆରମ୍ଭ କରିସାରିଲାଣି। କେବଳ ସେତିକି ନୁହେଁ ବ୍ୟାଙ୍କରୁ ଟଙ୍କା ଉଠାଇବା ହେଉ ବା ନିଜ ଦେହପା ଜନିତ ସମସ୍ୟା ଡାକ୍ତରଙ୍କୁ ଦେଖାଇବା ଏସବୁ କାମ ପାଇଁ ନିକଟଅତୀତରେ ଓଡ଼ିଶା ସରକାରଙ୍କର 'ପୋଲିସ ପୁଅ' ଶୀର୍ଷକ କାର୍ଯ୍ୟକ୍ରମ ହାତକୁ ନେଇ ସମାଜର ଏହି ବର୍ଷୀୟାନ ନାଗରିକଙ୍କ ସେବା ପାଇଁ ସମର୍ପିତ ହୋଇପାରିଛି। ସମାଜରେ ଯୁବପିଢ଼ୀମାନେ ପରିଣତ ବୟସରେ ପହଞ୍ଚିଥିବା ଏହି ଅଭିଜ୍ଞସମ୍ପନ୍ନ ଓ ଗରିମାମୟ ବ୍ୟକ୍ତିତ୍ୱଙ୍କର ଅନୁଭୂତିକୁ ନିଜ ଜୀବନରେ କାର୍ଯ୍ୟକାରୀ କରିପାରିଲେ ଏକ ସାମାଜିକ ଆନ୍ଦୋଳନ ସୃଷ୍ଟି ହୋଇପାରିବ।

# "ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସ"ର ଅଧିକାରୀ ପ୍ରଫେସର ଉଦୟନାଥ ସାହୁ



ନୂଆଦିଲ୍ଲୀ/ଭୁବନେଶ୍ୱର (ପିଏନ୍): ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଭାରତୀୟ ଭାଷା କେନ୍ଦ୍ରରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଓଡ଼ିଆ "ଆଦି ସାରଳା ଦାସ ଚେୟାର"ର ପ୍ରଫେସର ଉଦୟନାଥ ସାହୁଙ୍କ ଦ୍ୱାରା ଓଡ଼ିଆ, ବଙ୍ଗଳା ଓ ଆସାମୀୟା ଭାଷାରେ ଲିଖିତ ମହାଭାରତ ଓ ଶ୍ରୀମଦ୍ ଭାଗବତର ତୁଳନାତ୍ମକ ଗବେଷଣାକୁ "ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼ସ" ରେ ସ୍ଥାନ ଦେଇଛନ୍ତି। ପ୍ରଥମ ଓଡ଼ିଆ ଗବେଷକ ଭାବେ ସେ ଏହି ଗୌରବର ଅଧିକାରୀ ହୋଇପାରିଛନ୍ତି। ମେଡାଲ ସହ ପ୍ରଶଂସାପତ୍ର ତାଙ୍କୁ ପ୍ରଦାନ କରାଯାଇଛି। ଅନ୍ୟ ଗବେଷକମାନଙ୍କ ପାଇଁ ସେ ପ୍ରେରଣାର ସ୍ରୋତ ହେବେ ନିଶ୍ଚୟ। ପ୍ରଫେସର ସାହୁ ସଂସ୍କୃତ ମହାଭାରତ ଓ ସାରଳା ମହାଭାରତକୁ ମଧ୍ୟ ତୁଳନାତ୍ମକ ଭାବେ ଗବେଷଣା କରି କଥା ଓ ଚରିତ୍ରର ସାମ୍ୟ ଓ ବୈଷମ୍ୟକୁ ପ୍ରଦର୍ଶନ କରିଛନ୍ତି। କେବଳ ସେତିକି ନୁହେଁ ଜାପାନର "ଓଟାନି" ବିଶ୍ୱବିଦ୍ୟାଳୟରେ ଭାଗବତ ଓ ମହାଭାରତର ମୂଳଧାରାକୁ ଶ୍ରେୟ କରି ପ୍ରାଚୀନ ଓଡ଼ିଆ ସାହିତ୍ୟରୁ ଭାରତୀୟ ସାହିତ୍ୟ ମଧ୍ୟ ଦେଇ ସାରଳା ମହାଭାରତରେ ତୁଳନାତ୍ମକ ଗବେଷଣା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇପାରିଛି। ଆଧୁନିକ ସାହିତ୍ୟ, ମଧ୍ୟଯୁଗୀୟ ସାହିତ୍ୟ ତଥା ଫକୀରମୋହନ ସାହିତ୍ୟ ସମ୍ପର୍କରେ ଉଚିତ ଗବେଷଣାତ୍ମକ ପୁସ୍ତକଗୁଡ଼ିକ ଓଡ଼ିଆ ସାହିତ୍ୟର ଦିଗକୁ ସମୃଦ୍ଧ କରିବାରେ ସହାୟକ ହୋଇପାରିଛି।

ପୂର୍ବ-ଭାରତୀୟ ମହାଭାରତ ପରମ୍ପରା, ସାରଳା ମହାଭାରତ ସୃଷ୍ଟିର ଭୂମିପର୍ବ, ଭାଗବତ ପରମ୍ପରା ଓ ଭକ୍ତି ଆନ୍ଦୋଳନ, ସାରଳା ମହାଭାରତର ମନ୍ତ୍ରୀ ଓ ସେନାପତି, ଭାଗବତର ଭାବଭୂମି, ଭାଗବତର ସୃଷ୍ଟି ସୌରଭ, ପୂର୍ବ ଭାରତୀୟ ମହାଭାରତରେ ନୀତିଭକ୍ତି ଓ ଜାତୀୟ ସଂହତି, Reflection on the Great Indian Epic Mahabharat in Odisha, Begnal and Assam, ସ୍ୱର୍ଗାରୋହଣ ପର୍ବ ପ୍ରଭୃତି ଉଲ୍ଲେଖନୀୟ ଅବଦାନ ପାଇଁ ଦେଶବିଦେଶରେ ବେଶ ଚର୍ଚ୍ଚା ସହିତ ଓଡ଼ିଆ ମାଟି ପାଇଁ ଉଲ୍ଲେଖନୀୟ କୃତି। ଏତଦବ୍ୟତୀତ ଦୁଇଶହରୁ ଅଧିକ ଗବେଷଣାତ୍ମକ ସନ୍ଦର୍ଭ ରଚନା କରି ବେଶ୍ ପରିଚିତ ହୋଇପାରିଛନ୍ତି। ଅନେକ ସମ୍ମାନରେ ସମ୍ମାନିତ ଡ: ସାହୁ ନୟାଗଡ଼ ଜିଲ୍ଲାର ସାନକିଲୋ ଗ୍ରାମରେ ଜନ୍ମଗ୍ରହଣ କରି ମାତୃଭାଷା, ମାତୃଭୂମି ପାଇଁ ଗୌରବ ଆଣିପାରିଛନ୍ତି।

# ବିପଦରେ ସୋରେନ

ବହୁଚର୍ଚ୍ଚିତ ଲାଭଜନକ ପଦବୀ ମାମଲାରେ ୧୯୫୧ ଲୋକପ୍ରତିନିଧି ଆଇନ ଅନୁଯାୟୀ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିଧାନସଭା ସଭ୍ୟ ପଦ ରଦ୍ଦ ଲାଗି ନିର୍ବାଚନ କମିଶନ ରାଜ୍ୟପାଳଙ୍କୁ ସୁପାରିଶ କରିବା ପରେ ଝାଡଖଣ୍ଡ ସରକାରଙ୍କ ଭାଗ୍ୟ ଏବେ ସୂତାଖିଅରେ ଝୁଲୁଛି ବୋଲି କୁହାଯାଇପାରେ। ନିର୍ବାଚନ କମିଶନଙ୍କ ସୁପାରିଶ ସପ୍ତାହକ ପୂର୍ବରୁ ପହଁଚିଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ରାଜ୍ୟପାଳ କୌଣସି ପଦକ୍ଷେପ ନେଇ ନଥିବା ବେଳେ ରାଜ୍ୟ ରାଜନୀତିରେ ଏବେ ଅନିଶ୍ଚିତତା ସୃଷ୍ଟି ହୋଇଗଲାଣି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୧ରେ ମୁଖ୍ୟମନ୍ତ୍ରୀ ତଥା ଖଣିମନ୍ତ୍ରୀ ଭାବେ ନିଜ ନାମରେ ଏକ ଖଣି ଲିଜ୍ ନେଇଥିବାରୁ ନିର୍ବାଚନ କମିଶନ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ବିଧାୟକ ପଦ ରଦ୍ଦ ଲାଗି ସୁପାରିଶ କରିଛନ୍ତି। ଏହା ଦ୍ୱାରା ରାଜ୍ୟ ପୁଣି ଥରେ ଅସ୍ଥିରତା ଆଡକୁ ଟାଣି ହୋଇଯାଇଛି। କହିବା ବାହୁଲ୍ୟ ଯେ, ୨୦୦୦ ମସିହାରେ ବିହାରଠାରୁ ପୃଥକ ହୋଇ ସ୍ୱତନ୍ତ୍ର ଝାଡଖଣ୍ଡ ରାଜ୍ୟ ଗଠିତ ହେବା ପରେ ବିଗତ ୨୨ବର୍ଷ ମଧ୍ୟରେ ରାଜନୈତିକ ଅସ୍ଥିରତା ଯୋଗୁଁ ୧୧ ଥର ସରକାର ପରିବର୍ତନ ଘଟିଥିବାବେଳେ ୩ଥର ରାଷ୍ଟ୍ରପତି ଶାସନ ଜାରି ହୋଇଛି। ଝାଡଖଣ୍ଡରେ ମୁଖ୍ୟ ବିରୋଧିଦଳ ବିଜେପି ମୁଖ୍ୟମନ୍ତ୍ରୀ ସୋରେନଙ୍କ ଇସ୍ତଫା ଦାବିରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିଥିବାବେଳେ ଝାଡଖଣ୍ଡ ମୁକ୍ତିମୋର୍ଚ୍ଚା, କଂଗ୍ରେସ ଏବଂ ଆରଜେଡି ମେଂଟକୁ ଅକ୍ଷୁର୍ଣ୍ଣ ରଖିବା ଲାଗି ମୁଖ୍ୟମନ୍ତ୍ରୀ ସୋରେନ ସେମାନଙ୍କୁ ଛତିଶଗଡକୁ ନେଇ ଏକ ହୋଟେଲରେ ରଖିଥିଲେ। ଅବଶ୍ୟ ଆମ ଦେଶରେ ହୋଟେଲ ରାଜନୀତି ନୂଆ ନୁହେଁ। ଏହାର କାରଣ ହେଉଛି ଘୋଡା ବେପାରକୁ ରୋକିବା। କହିବା ବାହୁଲ୍ୟ ଯେ, ମେଂଟ ସରକାର ଏବେ ଅସ୍ଥିରତା ଆଡକୁ ଟାଣି ହୋଇଯାଇଛି। ଅବଶ୍ୟ ମୁଖ୍ୟମନ୍ତ୍ରୀ ସୋରେନ ବିଧାନସଭାରେ ଆସ୍ଥାଭୋଟରେ ଜୟଲାଭ କରିଛନ୍ତି। ଏହା ନିଶ୍ଚିତ ଯେ, ମୁଖ୍ୟମନ୍ତ୍ରୀ ସୋରେନ ନିଜ ପାଖରେ ଖଣି, ଭୂବିଜ୍ଞାନ ଏବଂ ପର୍ଯ୍ୟବେକ୍ଷଣ ସମ୍ବନ୍ଧୀୟ ବିଭାଗ ରଖିଥିବାବେଳେ କ୍ଷମତାର ଦୁରୁପଯୋଗ କରି ନିଜ ନାମରେ ଖଣି ଲିଜ୍ ନେଇଛନ୍ତି। ଏହା ଲୋକପ୍ରତିନିଧି ଆଇନର ଧାରା ୯(୧)ର ଉଲଂଘନ ଏବଂ ବେଆଇନ କାର୍ଯ୍ୟ ଏଥିରେ ସନ୍ଦେହ ନାହିଁ। ଏହା କହିବା ଯଥାର୍ଥ ଯେ, ଆମ ଦେଶରେ ଖଣି ବ୍ୟବସାୟ ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି। ଖଣି ପଟ୍ଟା ଆବଟଂନରେ କୋଟି କୋଟି ଟଙ୍କାର ଭିତିରି କାରବାର ହୋଇଥାଏ, ଯାହାକି ଦେଶରେ ୨୧୬ଟି କୋଇଲା ଖଣି ଆବଟଂନକୁ କିଛିବର୍ଷ ତଳେ ସୁପ୍ରିମକୋର୍ଟ ରଦ୍ଦ କରିବା ଘଟଣା ସ୍ପଷ୍ଟ କରିଛି। ଉଲ୍ଲେଖଯୋଗ୍ୟ ଯେ ଝାଡଖଣ୍ଡ ହେଉଛି ମୂଲ୍ୟବାନ ଖଣିଜ ଭଣ୍ଡାରର ରାଜ୍ୟ। ଦେଶର ୪୦ ପ୍ରତିଶତ ଖଣିଜ ପଦାର୍ଥ ଏବଂ ୩୦ ପ୍ରତିଶତ କୋଇଲା ମହଜୁଦ ରହିଛି। କିନ୍ତୁ ଏହି ଖଣିଜ ସମ୍ପଦରେ ଭରପୁର ରାଜ୍ୟର ବହୁ ସମୟରେ ଖଣି ଦୁର୍ନୀତିକୁ ନେଇ ଦୁର୍ନାମ ରହିଛି। ଯାହାକି ରାଜ୍ୟରେ ରାଜନୈତିକ ଅସ୍ଥିରତାର ମୁଖ୍ୟ କାରଣ ହୋଇଛି। ଅତୀତରେ ୨୦୦୬ରୁ ୨୦୦୮ ମସିହା ମଧ୍ୟରେ ରାଜ୍ୟରେ କୋଇଲା ବ୍ଲକ ଆବଟଂନରେ ବ୍ୟାପକ ଦୁର୍ନୀତି ମାମଲାରେ ୨୦୧୭ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମଧୁ କୋଡାଙ୍କୁ ସିବିଆଇ ଅଦାଲତ ଦୋଷୀ ସାବ୍ୟସ୍ତ କରିଥିଲା। ମଧୁ କୋଡା ୩୩୪ କୋଟି ଟଙ୍କା ଖଣି ଦୁର୍ନୀତିରେ ଲିପ୍ତ ଥିବା ସିବିଆଇ ତଦନ୍ତରୁ ଜଣାପଡିଥିଲା। ରାଜ୍ୟରେ ଖଣି ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସୋରେନ ରାଜ୍ୟବାସୀଙ୍କୁ ନିର୍ବାଚନ ପ୍ରତିଶ୍ରୁତି ଦେଇ କ୍ଷମତାସୀନ ହୋଇଥିଲେ। କହିବା ବାହୁଲ୍ୟ ଯେ, ଝାଡଖଣ୍ଡ ବିଜେପିର ଏକ ଦୁର୍ଗ ଭାବେ ପରିଚିତ ଥିବାବେଳେ ବିଜେପିକୁ କ୍ଷମତାଚ୍ୟୁତ କରି ଜେଏମଏମ କ୍ଷମତା ହାତେଇଥିଲା। କେବଳ ଏତିକି ନୁହେଁ, ରାଜ୍ୟ ନାମରେ ରହିଥିବା ଖଣି ମାଫିଆ ଆଖ୍ୟାକୁ ସବୁଦିନ ପାଇଁ ବନ୍ଦ କରିବା, ଖଣି ଅଂଚଳରେ ଖଣିଜ ପଦାର୍ଥର ଚୋରାଚାଲାଣ ରୋକିବାକୁ ଖଣି ଅଂଚଳରେ କ୍ୟାମେରା ଲଗାଇବା ଏବଂ ଖଣି ସଂକ୍ରାନ୍ତୀୟ ଅଭିଯୋଗ ଗ୍ରହଣ ପାଇଁ ନିଃଶୁଳ୍କ ଟେଲିଫୋନ ନମ୍ବର ଜାରି ରଖିବା ପାଇଁ ଭୋଟଦାତାଙ୍କୁ ପ୍ରତିଶ୍ରୁତି ଦେଇଥିବା ସୋରେନ ଶେଷରେ ଖଣି ଦୁର୍ନୀତିରେ ଛନ୍ଦି ହୋଇଯାଇଛନ୍ତି। ଅବଶ୍ୟ ଖଣି ପଟା ଫେରାଇ ଦେଇଥିବା ସୋରେନ କହିଛନ୍ତି। ସେ ଖଣି ପଟା ଫେରାଇ ଦେବା ଯଦି ସତ୍ୟ ହୋଇଥାଏ, ସ୍ୱାଗତଯୋଗ୍ୟ। କିନ୍ତୁ ତାଙ୍କ ନାମରେ ଉଠିଥିବା କଳଙ୍କର ଅଧ୍ୟାୟ ତଥା ବେଆଇନ କାର୍ଯ୍ୟ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଲୋକପ୍ରତିନିଧି ଆଇନ ଅନୁଯାୟୀ ଲାଭଜନକ ପଦବୀ ମାମଲାରେ ସୋରେନ ଯଦି ଆଯୋଗ୍ୟ ଘୋଷିତ ହୁଅନ୍ତି, ତେବେ ସଭ୍ୟପଦ ହରାଇବା ନିଶ୍ଚିତ। କାରଣ ଆମ ଦେଶରେ ଲାଭଜନକ ପଦବୀ ମାମଲାରେ ସାଂସଦ ଓ ବିଧାୟକଙ୍କ ସଭ୍ୟପଦ ରଦ୍ଦ ହେବା ନୂଆକଥା ନୁହେଁ। ଅତୀତରେ ବହୁ ସାଂସଦ ଓ ବିଧାୟକଙ୍କ ସଭ୍ୟପଦ ରଦ୍ଦ ନେଇ ବହୁ ନଜିର ରହିଛି। ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ଯେ, ସୋରେନ ମୁଖ୍ୟମନ୍ତ୍ରୀ ପଦ ପାଇଁ ବିପଦ ଟାଣି ଆଣିଛନ୍ତି। ତାଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ଉପରେ ତାଙ୍କ ଦଳ ଓ ସହଯୋଗୀମାନେ ମିଳିତ ନିଷ୍ପତି ନେବାର ଆବଶ୍ୟକତା ରହିଛି। କେବଳ ଏତିକି ନୁହେଁ, ତାଙ୍କର ଇସ୍ତଫା ମେଂଟ ସରକାରଙ୍କ ପାଇଁ ଏକ ଏସିଡ ଟେଷ୍ଟ, ଏଥିରେ କୌଣସି ସନ୍ଦେହ ନାହିଁ।

## ପ୍ରତାପନଗରୀ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଫୁଲନଖରା (ପିଏନ୍)-ସିଏମସି ୫୮ନମ୍ବର ୱାର୍ଡ଼ ପ୍ରତାପନଗରୀ ଦୁର୍ଗା ପୂଜା କମିଟିର ଦଶହରା ଉତ୍ସବ ନିମନ୍ତେ ମାଟି ଅନୁକୂଳ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ପ୍ରକାଶ ସ୍ୱାଇଁ ଓ ମରୁତ ସ୍ୱାଇଁଙ୍କ ସମେତ ପୂଜକ ଧିରେନ୍ଦ୍ର ପାଢ଼ୀ, ରବିନାରାୟଣ ଦାଶ, କୃଷ୍ଣଚନ୍ଦ୍ର ପାଢ଼ୀ ଓ ଶୁଭଜିତ ମହାପାତ୍ରଙ୍କ ନେତୃତ୍ୱରେ କମିଟି ସଦସ୍ୟମାନେ ନିକଟସ୍ଥ କୁଆଖାଇ ନଦୀରୁ ପୂଜାର୍ଚ୍ଚନା ପୂର୍ବକ ମାଟି ଅନୁକୂଳ କରିଥିଲେ। ପରେପରେ ଘଣ୍ଟ, ବାଦ୍ୟ ଓ ସଂକୀର୍ତ୍ତନ ଶୋଭାଯାତ୍ରା ସହକାରେ ଏହି ଅନୁକୂଳ ମାଟି ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ମା'ଦୁର୍ଗାଙ୍କ ପୂଜା ମଣ୍ଡପ ନିକଟରେ ପହଞ୍ଚିଥିଲା। ପ୍ରମୋଦ ସ୍ୱାଇଁ, ବାଦଲ ଜେନା, ନାରାୟଣ ରାଉତ, ଅରୁଣ ରାଉତ, ରୋହିତ ସ୍ୱାଇଁ, ରଂଜିତ ସ୍ୱାଇଁ (କୁନୁ), ମାଧବ ଜେନା ଓ ବିକ୍ରମ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସୋମନାଥ ଜେନା, ଦୁଷ୍ମନ୍ତ ଜେନା, ବିଶ୍ୱଜିତ ଜେନା, ସଚିନ ରାଉତ, ଦିଲୀପ ରାଉତ, ସିବୁ ସ୍ୱାଇଁ, ବିକାଶ ବେହେରା, ଲକି ଜେନା, ନରେନ୍ଦ୍ର ରାଉତ, ସୁମନ ଜେନା ଓ ବର୍ଣ୍ଣି ଜେନା ପ୍ରମୁଖ ସଦସ୍ୟଗଣ ସହଯୋଗ କରିଥିଲେ।

## ଚାରିଜଣ ଖୋ-ଖୋ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର (ପିଏନ୍)-ମହାରାଷ୍ଟ୍ର ପୁନେରେ ଅନୁଷ୍ଠିତ ଜାତୀୟ ସ୍ତରର ଖୋ-ଖୋ ଟୁର୍ଣ୍ଣାମେଣ୍ଟ 'ଅଲଟିମେଟ୍' ଖୋ-ଖୋ-ସିଜନ-୧ରେ ଚମ୍ପିଆନ ହୋଇଥିବା ଓଡ଼ିଶା ଦଳରେ ସାମିଲ ହୋଇଥିବା ବାଲେଶ୍ୱରର ୪ଜଣ ଖେଳାଳୀଙ୍କୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ସମ୍ବର୍ଦ୍ଧିତ କରିଛନ୍ତି। ଏହି କୃତି ଖେଳାଳୀ ମାନେ ହେଲେ ଜଗନ୍ନାଥ ମୁର୍ମୁ, ସିଦେଶ୍ୱର ଟୁଡ୍ଡୁ, ସୁକାନ୍ତ ସିଂ, ଲିପୁନ ମୁଖୀ, କୋଚ ମଳୟ ରଞ୍ଜନ ବେହେରାଙ୍କ ସହ ଏହି ଖେଳାଳୀ ମାନେ ବାଲେଶ୍ୱର ରେଳଷ୍ଟେସନରେ ପହଞ୍ଚିବା ପରେ ଜିଲ୍ଲା କ୍ରୀଡ଼ା ସଂଘର କର୍ମକର୍ତ୍ତା ମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ପରେ କୋଚ ଶ୍ରୀ ବେହେରାଙ୍କୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ପାଇଁ ଗୌରବ ଆଣିଥିବା ଏହି ଖେଳାଳୀଙ୍କୁ ଜିଲ୍ଲାପାଳ ଉତ୍ସାହିତ କରିବା ସହ ସେମାନଙ୍କ ଉତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସଂପାଦକ ଅଭୟ ମହାପାତ୍ର, ସହ-ସାଧାରଣ ସଂପାଦକ ପଦ୍ମଲୋଚନ ଲେଙ୍କା, କାର୍ତ୍ତିକ ଚନ୍ଦ୍ର ନାୟକ ଓ ଜଗଦୀଶ ବେହେରା, ସାଦିକ ଅଲ୍ଲି, ପ୍ରଦୀପ କୁମାର ଦାସ ଏବଂ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ବନ୍ୟପ୍ରାଣୀ ସୁରକ୍ଷାର ଅଭିନବ ଉପାୟ

ଭୁବନେଶ୍ୱର (ପିଏନ୍): ବନ୍ୟପ୍ରାଣୀଙ୍କୁ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିରୁ ରକ୍ଷାକରିବା ସକାଶେ ଏବେ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଏହାଦ୍ୱାରା ଆଉ ଶିକାରୀମାନେ ବିରଳ ବନ୍ୟପ୍ରାଣୀଙ୍କୁ ହତ୍ୟା କରିବେ ନାହିଁ କି ସେମାନଙ୍କ ବଂଶ ଲୋପ ପାଇବ ନାହିଁ ବୋଲି ଆଶା କରାଯାଉଛି। ଏଥିନେଇ ଦକ୍ଷିଣ ଆଫ୍ରିକାର ଏକ କମ୍ପାନୀ ଯେଉଁ ଉପାୟଟି ଚିନ୍ତା କରିଛି ତାହା ହେଲା ବୈଜ୍ଞାନିକ ପଦ୍ଧତିରେ ହାତୀ, ଗଣ୍ଡା ଏବଂ ଅନ୍ୟାନ୍ୟ ପଶୁପକ୍ଷୀମାନଙ୍କ ଶରୀରର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି। ବିଜ୍ଞାନାଗାରରେ ଏହି ସବୁ ଅଙ୍ଗପ୍ରତ୍ୟଙ୍ଗ ଏପରି ଭାବେ ପ୍ରସ୍ତୁତ କରାଯିବ ଯେ ତାହା ଲୋକମାନଙ୍କ ଚାହିଦା ପୂରଣ କରିପାରିବ ଓ ଜଙ୍ଗଲରେ ପଶୁପକ୍ଷୀମାନେ ନିର୍ଭୟରେ ବସବାସ କରିପାରିବେ। ଯେଉଁ କମ୍ପାନୀ ଏଭଳି ଅଭିନବ କାର୍ଯ୍ୟରେ ହାତ ଦେଇଛି ତା'ର ନାମ ପେମ୍ବିଏଣ୍ଟ। ପରୀକ୍ଷାମୂଳକ ଭାବେ ପେମ୍ବିଏଣ୍ଟକମ୍ପାନୀ ଏବେ ଗଣ୍ଡାର ଶିଙ୍ଗ ପ୍ରସ୍ତୁତି କାର୍ଯ୍ୟରେ ଲାଗିପଡ଼ିଛି। ଏ ଦିଗରେ ଏହାକୁ ସଫଳତା ବି ମିଳିସାରିଛି। ତେବେ ଏଥିରେ କିଛି ପରିବର୍ତ୍ତନ ଘଟାଇବା ଓ ଏହା ଯେପରି ଆନ୍ତର୍ଜାତୀୟ ବଜାରରେ ପର୍ଯ୍ୟାପ୍ତ ମାତ୍ରାରେ ଉଲବ୍ଧ ହୋଇପାରିବ ସେଥିପାଇଁ ଅଧିକରୁ ଅଧିକ ଶିଙ୍ଗ ଉତ୍ପାଦନ ପାଇଁ କମ୍ପାନୀ ଉଦ୍ୟମ ଚଳାଇଛି ବୋଲି କହିଛନ୍ତି ପେମ୍ବିଏଣ୍ଟର ସିଇଓ ମାଥ୍ୟୁ ମୁର୍କୁସ୍। ହାତୀଦାନ୍ତଠାରୁ ଆରମ୍ଭ କରି ଗଣ୍ଡାଙ୍କ ଶିଙ୍ଗ ପର୍ଯ୍ୟନ୍ତ ବନ୍ୟପ୍ରାଣୀଙ୍କ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ବିଶ୍ୱ ବଜାରରେ ଢ଼େର ବେଶୀ। ଏହାର କାରଣ ଯାହା ହୋଇଥାଉ ନା କାହିଁକି ବିଭିନ୍ନ ବନ୍ୟପ୍ରାଣୀଙ୍କ ଚମଡ଼ା, ଦାନ୍ତ, ଶିଙ୍ଗ, ଲୋମ, ପିତ୍ତ ଏବଂ ଅନ୍ୟାନ୍ୟ ଅଙ୍ଗକୁ ସୌଖିନ ଓ ରାଇସ୍ ଲୋକମାନେ ଲକ୍ଷ ଲକ୍ଷ ଡଲାର ଦେଇ କିଣିଥା'ନ୍ତି। ଯେମିତିକି ଗଣ୍ଡାର ଶିଙ୍ଗର ମୂଲ୍ୟ ଆନ୍ତର୍ଜାତୀୟ ଚୋରା ବଜାରରେ ଆକାଶଛୁଆଁ। ଏହାର ପ୍ରତି କିଲୋ ପିଛା ଦାମ ପ୍ରାୟ ୬୦,୦୦୦ ଡଲାର। ସେଇଭଳି ହାତୀଦାନ୍ତର କିଲୋପିଛା ମୂଲ୍ୟ ପ୍ରାୟ ୨୧୦୦୦ ଡଲାର। ବାଘଛାଲ ଓ ଦାନ୍ତ, ମୃଗଚର୍ମ ଓ ଶିଙ୍ଗ, ଭାଲୁର ଲୋମ, ଚର୍ମ ଓ ପିତ୍ତ, କୁମ୍ଭୀର ଚମଡ଼ାର ଚୋରା ବଜାରର ଅଦୃଶ୍ୟ ଜାଲ ପୃଥିବୀସାରା ବିଛେଇ ହୋଇ ରହିଛି। ବିଶେଷକରି ଆଫ୍ରିକା ମହାଦେଶର ବିଭିନ୍ନ ରାଷ୍ଟ୍ରରୁ ଏବଂ ଏସୀୟ ଦେଶମାନଙ୍କରୁ ଏସବୁ ଦ୍ରବ୍ୟ ଚାଲାଣ କରି ଚୋରା ବେପାରୀମାନେ କୋଟି କୋଟି ଡଲାର ଉପାର୍ଜନ କରିଥା'ନ୍ତି। ଏହାର କ୍ରେତା ଦୁଇ ପ୍ରକାରର। ପ୍ରଥମତଃ କିଛି କ୍ରେତା ପ୍ରାଚୁର୍ଯ୍ୟ ବଳରେ ଏସବୁ ଦ୍ରବ୍ୟ କିଣି ନିଜ ପାଖରେ ରଖିବାକୁ ପସନ୍ଦ କରିଥା'ନ୍ତି। ଏହାବ୍ୟତୀତ ଦ୍ୱିତୀୟ ଶ୍ରେଣୀର କ୍ରେତା ବନ୍ୟପଶୁପକ୍ଷୀଙ୍କ ଶରୀରର ଅଙ୍ଗକୁ ବ୍ୟବହାର କରି ପାରମ୍ପରିକ ଔଷଧ ପ୍ରସ୍ତୁତ କରିଥା'ନ୍ତି। ପୁଣି କେହି କେହି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଏସବୁ ଦ୍ରବ୍ୟ କିଣି ପାଖରେ ରଖିଥା'ନ୍ତି। ତେବେ ସେ ଯାହା ହେଉନା କାହିଁକି, ଏଥିପାଇଁ ଅବାଧ ଶିକାର ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ହାତୀ, ବାଘ, ସିଂହ, ଭଲ୍ଲୁକ ବିଭିନ୍ନ ପ୍ରଜାତିର ମୃଗ, ଗଣ୍ଡା ଅନେକ ଧରଣର ପକ୍ଷୀ ବିଲୁପ୍ତ ହୋଇଗଲେଣି ଅଥବା ବିଲୁପ୍ତିର ମହାମାର୍ଗରେ ଏବେ ଅଗ୍ରସର ହେଉଛନ୍ତି। କୌଣସି ଦେଶ ଶିକାରୀମାନଙ୍କ ଅବାଧ ବନ୍ୟପ୍ରାଣୀ ଶିକାରକୁ ରୋକିପାରିନାହାନ୍ତି। ଏଭଳି ବନ୍ୟପ୍ରାଣୀଙ୍କ ଅଙ୍ଗପ୍ରତ୍ୟଙ୍ଗ କିଣିବା ତାଲିକାରେ ବିଶ୍ୱରେ ସର୍ବାଗ୍ରେ ରହିଛି ଚୀନ। ଚୀନରେ ପାରମ୍ପରିକ ଔଷଧ ପ୍ରସ୍ତୁତିରେ ଅଧିକାଂଶ ପଶୁଙ୍କ ଶରୀରର ଅଙ୍ଗ ଉପଯୋଗ କରାଯାଇଥାଏ। ଏବେ ସିନ୍ଥେଟିକ୍ ଅଙ୍ଗ ପ୍ରସ୍ତୁତି ପ୍ରସଙ୍ଗକୁ ଆସିବା। ପେମ୍ବିଏଣ୍ଟ କମ୍ପାନୀର ଏଭଳି ଉଦ୍ୟମକୁ କିନ୍ତୁ ବିଶ୍ୱ ବନ୍ୟପ୍ରାଣୀ ସଂରକ୍ଷଣ ସଂସ୍ଥାଠାରୁ ଆରମ୍ଭ କରି ପର୍ଯ୍ୟାବରଣବିତ ଓ ପ୍ରାଣୀପ୍ରେମୀମାନେ ବିରୋଧ କରିଛନ୍ତି। ସେମାନଙ୍କ ମତରେ ଏଭଳି ନକଲି ଅଙ୍ଗପ୍ରତ୍ୟଙ୍ଗ ବଜାରରେ ଉପଲବ୍ଧ ହେଲେ ସୁଦ୍ଧା ଅସଲି ଦ୍ରବ୍ୟର ଚାହିଦା କମିବ ନାହିଁ। ତେଣୁ ଚୋରାଶିକାର ପୂର୍ବବତ୍ ଜାରି ରହିବ। ବରଂ ତାହା ବୃଦ୍ଧିପାଇବ ବୋଲି ସେମାନେ ଆଶଙ୍କା ପ୍ରକଟ କରନ୍ତି। ତେଣୁ ସେମାନେ ପେମ୍ବିଏଣ୍ଟ କମ୍ପାନୀର ଏଭଳି ପ୍ରୟାସକୁ ଘୋର ବିରୋଧ କରିଛନ୍ତି। ସେମାନେ ଏହାର ଏକ ଉଦାହରଣ ଦେଇ କହିଛନ୍ତି ଯେ ଗତ ଦଶବର୍ଷ ଭିତରେ ବିଶ୍ୱରେ ଗଣ୍ଡା ଶିକାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ୨୦୦୭ ମସିହାରେ ଦକ୍ଷିଣ ଆଫ୍ରିକାରେ ମାତ୍ର ୧୩ଟି ଗଣ୍ଡାଙ୍କୁ ମରାଯାଇଥିବାବେଳେ ୨୦୧୫ରେ ୧୧୭୫ଟି ଗଣ୍ଡା ଚୋରା ଶିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି। ତେଣୁ ଏଭଳି ବିକଳ୍ପ ଉପାୟ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବନାହିଁ ବୋଲି ସେମାନେ ଦୃଢ଼ ଯୁକ୍ତି ବାଢ଼ନ୍ତି। କିନ୍ତୁ ବଜାରରେ ଯେ ଖୁବ୍‌ଶୀଘ୍ର ସିନ୍ଥେଟିକ ହାତୀଦାନ୍ତ ଓ ଗଣ୍ଡା ଶିଙ୍ଗ ମିଳିବ ତାହା ସମସ୍ତଙ୍କ ପାଇଁ ଏବେ ଖୁସି ଖବର ପାଲଟିଛି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

